

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 AUGUST 2023
Vol.No. 35 ■ No. 210 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

### ମଣିପୁର ହିଂସା ଉପରେ ସଂସଦରେ ବିବୃତି ରଖିଲେ ଗୃହମନ୍ତ୍ରୀ ଅମିତ୍ ଶାହା

## ମଣିପୁରରେ ହୋଇଛି ହିଂସାର ତାଣ୍ଡବ

ନୂଆଦିଲ୍ଲୀନୂଆଦିଲ୍ଲୀ,୯/୦୮ : ଲୋକସଭାରେ ବିରୋଧୀଙ୍କ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ଆଲୋଚନା ଜାରି ରହିଛି । ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସରକାରଙ୍କ ପକ୍ଷରୁ ନିଜ ମତ ରଖି ବିରୋଧୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଉପରେ ବର୍ଷିଛନ୍ତି। ଅମିତ ଶାହ ରାହୁଲ ଗାନ୍ଧି ନାଁ ନ ନେଇ କହିଛନ୍ତି, ଗୃହର ଜଣେ ନେତାଙ୍କୁ ୧୩ ଥର ଲଂଚ କରାଗଲା , କିନ୍ତୁ ସେ ସବୁଥର ଫେଲ ମାରିଛନ୍ତି । ଏଥିପାଇଁ ସେ ଏକ ଉଦାହରଣ ମଧ୍ୟ ଦେଇଛନ୍ତି । ମୋଦି ସରକାରଙ୍କ ସମର୍ଥନ କରି ଅମିତ ଶାହା କହିଛନ୍ତି, ମୋଦି ଓ ତାଙ୍କ ମନ୍ତ୍ରିମଣ୍ଡଳ ପ୍ରତି କାହାର ଅବିଶ୍ୱାସ ନାହିଁ । ଜନତାଙ୍କୁ ଭ୍ରମିତ କରିବାକୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି । ଦୁଇ ଦୁଇ ଥର ଏନଡିଏ ସରକାରକୁ ଆସିଛି । କଂଗ୍ରେସକୁ ଆକ୍ରମଣ କରି ଅମିତ ଶାହା କହିଛନ୍ତି, କଂଗ୍ରେସ ଗରିବ ହଟାଅ କଥା କହୁଛି । କିନ୍ତୁ ଆଜି ଗରିବଙ୍କ ଅବସ୍ଥା ଯେମିତିକି ସେମିତି ରହିଛି । ସରକାରଙ୍କ ଉପରେ ସଂସଦ ଓ ଲୋକଙ୍କ ଭରସା ରହିଛି । ଏଥିସହ ମଣିପୁରରେ ଶାନ୍ତିପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ୍ ଶାହା । ବିରୋଧୀ ମେଣ୍ଟ ମୋଦୀ ସରକାରଙ୍କ ବିରୋଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ସଂସଦରେ ୨ଦିନ ହେବ ଚର୍ଚ୍ଚା ଚାଲିଛି । ଆଜି ପ୍ରଥମେ କଂଗ୍ରେସ ସାଂସଦ ସଂସଦର ଆଲୋଚନାରେ ସାମିଲ ହୋଇ ମଣିପୁର ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । ଏହାର ଜବାବରେ ସଂସଦରେ ଅମିତ୍ ଶାହା ମଣିପୁର ହିଂସାକୁ ନେଇ ବୟାନ ରଖିଛନ୍ତି । ଗୃହମନ୍ତ୍ରୀ ଅମିତ୍ ଶାହା କହିଛନ୍ତି କି, ମଣିପୁରରେ ଯେବେ ବି ସଂପ୍ରଦାୟିକ ହିଂସା ହୋଇଛି ତାହା ତାଣ୍ଡବ ରଚିଛି । ହେଲେ ମଣିପୁରରେ କ୍ରମାଗତ ଭାବେ ୬ବର୍ଷଧରି ବିଜେପିର ସରକାର ଥିଲେ ବି ସେଠାରେ ଗୋଟିଏ ବି ଜାତିଗତ ହିଂସା ହୋଇନାହିଁ । ହେଲେ ମଣିପୁର ହିଂସାକୁ ନେଇ ଗୃହମନ୍ତ୍ରୀ ମ୍ୟାମାରକୁ ଦୋଷାରୋପ କରିଛନ୍ତି । ସେ କହିଛନ୍ତି ମ୍ୟାମାରରେ ୨୦୨୧ରେ କ୍ଷମତା ପରିବର୍ତ୍ତନ ହେବା ପରେ ସେଠାରେ ସେନା ଶାସନ ଆରମ୍ଭ ହୋଇଛି । ସେନା ଶାସନ ସମୟରେ କୁକୀ ସଂପ୍ରଦାୟ ଉପରେ ଅତ୍ୟାଚାର ଆରମ୍ଭ ହୋଇଛି । ଫଳରେ ହଜାର ହଜାର କୁକୀ ସଂପ୍ରଦାୟର ଲୋକ ମଣିପୁରରେ ଆସି ଶରଣାର୍ଥୀ ଭାବେ ରହୁଛନ୍ତି । ଏହାକୁ ନଜରରେ ରଖି କେନ୍ଦ୍ର ସରକାର ୨୦୨୨ରେ ସୀମାରେ ଅନୁପ୍ରବେଶ ବନ୍ଦ କରିବାକୁ ଉଦ୍ୟମ କରିଥିଲା । ସେପଟେ ସଂସଦରେ ମଣିପୁର ପ୍ରସଙ୍ଗରେ ସରକାର ପ୍ରଥମଦିନରୁ ▶▶ପୃଷ୍ଠା ୭



## ବଢ଼ିବ ନାହିଁ ସରକାରୀ କର୍ମଚାରୀଙ୍କ ଅବସର ବୟସ



ଭୁବନେଶ୍ୱର, ୯/୦୮ (ନି.ପ୍ର): ସରକାରୀ କର୍ମଚାରୀମାନଙ୍କ ଅବସର ବୟସ ୬୦ରୁ ୬୨ବର୍ଷକୁ ବୃଦ୍ଧି ନିମନ୍ତେ ଚାଲିଥିବା ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧିର କୌଣସି ପ୍ରସ୍ତାବ ଏବେ ସରକାରଙ୍କ ବିଚାରାଧୀନ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଏହାସହିତ ୨୦୨୦ରୁ ୨୦୨୩ ମସିହା ମଧ୍ୟରେ କେନ୍ଦ୍ର ସରକାର ମୋଟ ୧୨୨ଜଣ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ଆଜି ଲୋକସଭାରେ ବିଜେଡି ସାଂସଦ ଶର୍ମିଷ୍ଠା ସେଠୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟର ମନ୍ତ୍ରୀ ଡଃ ଜିତେନ୍ଦ୍ର ସିଂ କହିଛନ୍ତି ଯେ, ▶▶ପୃଷ୍ଠା ୭

## ୨୧ରେ ପୁଣି ଥରେ କୋର୍ଟରେ ହାଜର ହେବ ଗୋପାଳ

ଭୁବନେଶ୍ୱର, ୯/୦୮ (ନି.ପ୍ର): ଆସନ୍ତା ୨୧ ତାରିଖରେ ପୁଣି ଥରେ ଝାରସୁଗୁଡ଼ା ଇଡଓି କୋର୍ଟରେ ହାଜର ହେବ ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସ। ଏନେଇ ସୂଚନା ଦେଇଛନ୍ତି ଗୋପାଳର ନୂଆ ଓକିଲ ମହେଶ ଜେନା ଓ ସୁନୀଲ ସ୍ୱାଇଁ। ସେପଟେ ନବ ହତ୍ୟା ମାମଲାରେ ଆଜି ଝାରସୁଗୁଡ଼ା ଇଡଓି କୋର୍ଟରେ ଅଭିଯୁକ୍ତ ଗୋପାଳ ଦାସକୁ ହାଜର କରାଯାଇଥିଲା। କଡ଼ା ସୁରକ୍ଷା ଭିତରେ ଚୌଦ୍ୱାର ଜେଲରୁ ତାକୁ ନିଆଯାଇ ଝାରସୁଗୁଡ଼ା କୋର୍ଟରେ ହାଜର କରାଯାଇଥିଲା। ଅପରପକ୍ଷେ ପୂର୍ବରୁ ମାମଲା ଲଢୁଥିବା ନରେଶ ନାୟକ ଆଜି କୋର୍ଟରେ ନିଜର ଡିସଚାର୍ଜ ପିଟିସନ ଦାଖଲ କରିଥିଲେ। ଏସବୁ ଭିତରେ ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଦାଖଲ କରିଥିବା ଚାର୍ଜସିଟକୁ ନେଇ ପୁଣି ଉଠିଛି ପ୍ରଶ୍ନ। ଦାଖଲ ଚାର୍ଜସିଟରେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଥିବା କହିଛନ୍ତି ବରିଷ୍ଠ ଆଇନଜୀବୀ ସତ୍ୟ ବହିଦାର। ମୃତ ନବ ଦାସଙ୍କୁ କ୍ରାଇମବ୍ରାଞ୍ଚ ପ୍ରଥମ ସାକ୍ଷୀ ଭାବେ ଦର୍ଶାଇଛି। ମୃତ୍ୟୁ ପୂର୍ବରୁ ଆହତ ସମୟରେ ପୁଲିସ କୌଣସି ମୃତ୍ୟୁକାଳୀନ ଜମାନବନ୍ଦୀ ନେଇନଥିବା ବେଳେ ମୃତକ ନବ ଦାସଙ୍କୁ କେମିତି ସାକ୍ଷୀ କରାଇଛି ବୋଲି ଯୁକ୍ତି ବାଢିଛନ୍ତି ବରିଷ୍ଠ ଆଇନଜୀବୀ ସତ୍ୟ ବହିଦାର। ତା'ସହ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ସେ ପ୍ରଶ୍ନ ଉଠାଇ କହିଛନ୍ତି, କ୍ରାଇମବ୍ରାଞ୍ଚ କାହାକୁ ବଞ୍ଚାଇବାକୁ ଚାହୁଁଛି ? ତେବେ ସତ୍ୟ ବହିଦାରଙ୍କ ଅଭିଯୋଗ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



## ଗଜପତିରେ ବର୍ଷର ପ୍ରଥମ ଡେଙ୍ଗୁ ମୃତ୍ୟୁ

ଗଜପତି, ୯/୦୮ (ନି.ପ୍ର): ପାରଳାଖେମୁଣ୍ଡି ଚଳିତ ବର୍ଷ ଜିଲ୍ଲାର ପ୍ରଥମ ଡେଙ୍ଗୁ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଗୁମ୍ମା ବ୍ଲକ୍ ନାମନଗଡ଼ ପଞ୍ଚାୟତ ଖ୍ରୀଷ୍ଟିଆନ୍ ସାହିର ବିକାଶ ଲିମା(୨୫)। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଉକ୍ତ ସାହିର ଆହୁରି ୫ ଜଣ ଏବେ ବି ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଅନ୍ୟପଟେ ବିକାଶଙ୍କ ମୃତ୍ୟୁ ଚିକିତ୍ସା ଅବହେଳାରୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବିକାଶଙ୍କ ଭିଣୋଇ କହିଛନ୍ତି, ବିକାଶଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ମେଡିକାଲ ନିଆଯାଇଥିଲା। ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୭ ଘଣ୍ଟା ପର୍ଯ୍ୟନ୍ତ କୌଣସି ଚିକିତ୍ସା ମିଳିନଥିଲା। ପରୀକ୍ଷା ପରେ ଡେଙ୍ଗୁ ଚିହ୍ନଟ ସହ ପ୍ଲେଟଲେଟ କମ୍ ଥିବା ଜଣାପଡ଼ିଥିଲା। ହେଲେ ତୁରନ୍ତ ପ୍ଲେଟଲେଟ୍ ଯୋଗାଡ଼ ହୋଇ ପାରିନଥିଲା। ▶▶ପୃଷ୍ଠା ୭

## ବନ୍ୟାରେ ବେହାଲ ଉତ୍ତରାଖଣ୍ଡ : ଜାରି ରହିଛି ପ୍ରବଳ ବର୍ଷା

ନୂଆଦିଲ୍ଲୀ,୯/୦୮ : କିଛି ଦିନର ଆଶ୍ୱସ୍ତି ପରେ ଉତରାଖଣ୍ଡରେ ପୁଣି ବନ୍ୟାସ୍ଥିତି ଦେଖିବାକୁ ମିଳିଛି । ଲଗାତର ଭାବେ ପ୍ରବଳ ବର୍ଷା ଯୋଗୁଁ ବେହାଲ ହୋଇପଡ଼ିଛି ଉତରାଖଣ୍ଡର ବିଭିନ୍ନ ସ୍ଥାନ । ଗାଁ ଠୁ ନେଇ ସହରର ଗଳି କନ୍ଦ ପର୍ଯ୍ୟନ୍ତ ଚାରିଆଡ଼େ ଚାଲୁଛି ପ୍ରଖର ସ୍ରୋତ । ମୁଖ୍ୟତଃ ଉତରାଖଣ୍ଡର ହଲଦ୍ୱାନୀ ସହରର ସ୍ଥିତି ବନ୍ୟା ଯୋଗୁଁ ସଙ୍ଗୀନ ହୋଇପଡ଼ିଛି । ସବୁଆଡ଼େ ଭରି ରହିଛି ଅକାତ କାତ ପାଣି । ବନ୍ୟାସ୍ଥିତିକୁ ବର୍ଷା ମଧ୍ୟ ଥମିବାର ନାଁ ନେଉ ନାହିଁ । ଯାହା ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ରାସ୍ତାଘାଟରେ ପ୍ରବଳ ପାଣି ଯୋଗୁଁ ଯାନବାହନ ମଧ୍ୟ ପ୍ରଭାବିତ ହୋଇଛି । ବନ୍ୟାଜଳର ପ୍ରଖର ସ୍ରୋତ ଯୋଗୁଁ ତଳିଆ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବହୁ ଘର ଭାଙ୍ଗିଯିବା ଫଳରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ବହୁ ସଂଖ୍ୟକ ଲୋକେ ଜଳବନ୍ଦୀ ଜୀବନ କାଟୁଛନ୍ତି । ବନ୍ୟାଜଳ ଲୋକଙ୍କ ନିଦ ହଜାଇ ଦେଇଛି । ବନ୍ୟା ପ୍ରଭାବିତ ଲୋକଙ୍କୁ ଅନ୍ୟ ସ୍ଥାନକୁ ଉଦ୍ଧାର କରିଛନ୍ତି ଉଦ୍ଧାରକାରୀ ଟିମ୍ । ▶▶ପୃଷ୍ଠା ୭



## ଏଏସଓ ଚୟନ ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ରୋକ୍: ଓପିଏସ୍‌ସିକୁ ନୋଟିସ

ଭୁବନେଶ୍ୱର, ୯/୦୮ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପରିଚାଳିତ ଇଏଙ୍ଗ ଚୟନ ପ୍ରକ୍ରିୟା ଅଗ୍ରଗତି ଉପରେ ଆଜି ହାଇକୋର୍ଟ ରୋକ୍ ଲଗାଇଛନ୍ତି। ଜବାବ ଦାଖଲ ପାଇଁ ପ୍ରତିପକ୍ଷ ଓପିଏସ୍ ?ସିକୁ ନୋଟିସ ଜାରି କରିଛନ୍ତି। ଆସନ୍ତା ସେପଟ୍ମ୍ବର ୨୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ଧାର୍ଯ୍ୟ କରିଛନ୍ତି। ଗତ ବର୍ଷ ଅଗଷ୍ଟ ମାସରେ ୭୯୬ଟି ଏଏସଓ ପଦବୀ ପାଇଁ ପରୀକ୍ଷା କରି ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଯେଉଁ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା ମେ' ୧୯ ତାରିଖରେ ତାକୁ ମଧ୍ୟ ହାଇକୋର୍ଟ ଖାରଜ କରି ଦେଇଥିଲେ। ▶▶ପୃଷ୍ଠା ୭




## କେରଳର ନାଁ ହେବ କେରଳମ୍: ବିଧାନସଭାରେ ସଂକଳ୍ପ ପାସ୍

ନୂଆଦିଲ୍ଲୀ,୯/୦୮ : ରାଜ୍ୟର ନାଁ ପରିବର୍ତ୍ତନ କରିବାକୁ କେରଳ ବିଧାନସଭା ସର୍ବସମ୍ମତିକ୍ରମେ ଗୋଟିଏ ସଂକଳ୍ପ ପାରିତ କରିଛି। କେରଳରୁ ରାଜ୍ୟର ନାଁ କେରଳମ କରିବାକୁ ସଂକଳ୍ପ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଭାରତୀୟ ସମ୍ବିଧାନର ୮ମ ସେଡ୍ୟୁଲ ଓ ସମସ୍ତ ସରକାରୀ ଦସ୍ତାବଜ୍‌ରେ ରାଜ୍ୟର ନାଁ କେରଳ ବଦଳରେ କେରଳମ କରିବାକୁ କୁହାଯାଇଛି। ବୁଧବାର କେରଳ ମୁଖମନ୍ତ୍ରୀ ପିନରାୟୀ ବିଜୟନ ବିଧାନସଭାରେ ଏହି ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ବିରୋଧ କରି ନଥିଲା। ସେହିପରି ଏଥିରେ ଦଳ ପକ୍ଷରୁ କୌଣସି ପ୍ରକାରର ସଂଶୋଧନ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇ ନଥିଲା। ଏହାପରେ ସର୍ବସମ୍ମତିକ୍ରମେ ଏହା ବିଧାନସଭାରେ ପାରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ବିଜୟନଙ୍କ କହିବା କଥା, ମାଲାୟାଲମ ଭାଷାରେ ରାଜ୍ୟର ନାଁ କେରଳମ। ୧୯୫୬ ମସିହା ନଭେମ୍ବର ମାସରେ ଭାଷା ଭିତ୍ତିରେ ରାଜ୍ୟର ଗଠନ ହୋଇଥିଲା। ମାଲାୟାଲମ ଭାଷା କହୁଥିବା ଲୋକଙ୍କ ପାଇଁ ଗୋଟିଏ କେରଳ ଗଠନ କରିବାର ଆବଶ୍ୟକତା ଜାତୀୟ ସ୍ୱାଧୀନତା ସଂଗ୍ରାମ ଠାରୁ ଆବଶ୍ୟକ ଥିଲା। କିନ୍ତୁ ସମ୍ବିଧାନର ପ୍ରଥମ ସେଡ୍ୟୁଲରେ ଆମ ରାଜ୍ୟର ନାଁ କେରଳ ଲେଖାଯାଇଥିଲା। ଏବେ ବିଧାନସଭା ଗୋଟିଏ ସ୍ୱରରେ କେନ୍ଦ୍ର ସରକାରଙ୍କୁ ତୁରନ୍ତ ଏହାକୁ ସଂଶୋଧନ କରିବାକୁ ଅନୁରୋଧ କରୁଛି। ସମ୍ବିଧାନର ଧାରା ୩ ଅଧୀନରେ ଆମ ରାଜ୍ୟକୁ କେରଳମ ଭାବେ ନାମିତ କରାଯାଉ ବୋଲି ସେ କହିଛନ୍ତି।




## ସରକାରୀ ଡିଗ୍ରୀ କଲେଜକୁ ନିର୍ଦ୍ଦେଶ: ୧୪ ସୁଦ୍ଧା ଭିତ୍ତିଭୂମିର ସ୍ଥିତି ଜଣାଅ




ଭୁବନେଶ୍ୱର, ୯/୦୮ (ନି.ପ୍ର): ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନକୁ ଆସନ୍ତା ୧୪ତାରିଖ ସୁଦ୍ଧା ନିର୍ଦ୍ଧାରିତ ଫର୍ମାଟରେ ଭିତ୍ତିଭୂମିର ସ୍ଥିତି ସମ୍ପର୍କରେ ସୂଚନା ଦେବାକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । କଲେଜରେ ମୋଟ ଛାତ୍ରଛାତ୍ରୀ, ହଷ୍ଟେଲ ସଂଖ୍ୟା, ରେଗୁଲାର ପାଠ୍ୟକ୍ରମ,ସେଲଫ ଫାଇନାନ୍ସ କୋର୍ସ, ପ୍ରଶାସନିକ କୋଠା, କ୍ଲାସ ରୁମ୍ ,ଲାଇବ୍ରେରୀ, ଲ୍ୟାବ୍ , ଖେଳ ପଡ଼ିଆ, ଷ୍ଟାଫ କ୍ୱାଟର୍ସ, ପାର୍କିଂ ଏରିଆ, ପାଚେରୀ ଓ ଇଂଟରନେଟ୍ ସୁବିଧା ଆଦି ସମ୍ପର୍କିତ ଭିତ୍ତିଭୂମି ତଥ୍ୟ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସ୍ମିସ୍ମା ଚମ୍ପତିରାୟ ଆଜି ସବୁ ସରକାରୀ ଡିଗ୍ରୀ କଲେଜର ପ୍ରିନ୍ସିପାଲ ଓ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ପ୍ରିନ୍ସିପାଲଙ୍କୁ ଚିଠି ଲେଖି ଭିତ୍ତିଭୂମିର ଆକଳନ କରିବାକୁ କହିଛନ୍ତି । ଶିକ୍ଷାନୁଷ୍ଠାନରେ ବାସ୍ତବରେ ଏବେ ଭିତ୍ତିଭୂମିର ସ୍ଥିତି କ'ଣ ରହିଛି ତାହା ଜାଣିବା ଏହି ଆକଳନର ପ୍ରାଥମିକ ମୂଳ ଉଦ୍ଦେଶ୍ୟ । ସେହି ଆଧାରରେ ଆବଶ୍ୟକତାରେ ସୁଧାର ଓ କ୍ୟାମ୍ପସ ପରିବେଶକୁ ଅଧିକ ଶିକ୍ଷଣୀୟ କରିବା ଦିଗରେ ଯୋଜନାବଦ୍ଧ ପଦକ୍ଷେପ ନେବା ସମ୍ଭବପର ହେବ ବୋଲି କହିଛନ୍ତି । ତେଣୁ କଲେଜ ପରିଚାଳନା କମିଟି ସହ ମିଶି ଏହି ଭିତ୍ତିଭୂମିର ସ୍ଥିତି ଆକଳନ ସହ ମୌଳିକ ଆବଶ୍ୟକତା ଥିଲେ ତାହା ନିର୍ଦ୍ଧାରିତ ଗୁଗଲ୍ ସିଟ୍ ଫର୍ମାଟରେ ଆସନ୍ତା ୧୪ତାରିଖ ସୁଦ୍ଧା ଜଣାଇବାକୁ ପରାମର୍ଶ ଦିଆଯାଇଛି । କଲେଜଗୁଡ଼ିକରେ ସ୍ପୋର୍ଟସ କମ୍ପ୍ଲେକ୍ସଠୁ ଆରମ୍ଭ କରି ମଲଟିପର୍ପସ ହଲ୍, ରିଡିଂ ରୁମ୍ , କେଉଁ ପାଠ୍ୟକ୍ରମ ପାଇଁ କେତେ କୋଠା ରହିଛି, ଅନ୍ୟାନ୍ୟ ସୁବିଧା କ'ଣ ସବୁ ଉପଲବ୍ଧ ଅଛି ତାହା ନିର୍ଦ୍ଧାରିତ ଫର୍ମାଟରେ ଜଣାଇବାକୁ କୁହାଯାଇଛି ।

## ଅଜଣା ଗାଡ଼ି ଧକ୍କାରେ କଲରାପତରିଆ ବାଘର ମୃତ୍ୟୁ



ଭଞ୍ଜନଗର: ଅଜଣା ଗାଡ଼ି ଧକ୍କାରେ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ଗାଁ ନିକଟ ମୁଖ୍ୟରାସ୍ତାରୁ ଗୁରୁତର ଭାବେ ଆହତ ହୋଇ ପଡ଼ିଥିବା କଲରାପତରିଆ ବାଘକୁ ଉଦ୍ଧାର କରାଯିବା ପରେ ତାର ମୃତ୍ୟୁ ଘଟିଛି। ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ କୌଣସି ଏକ ଭାରୀଯାନ ଧକ୍କାରେ ବାଘଟି ତଳେ ପଡ଼ି ଛଟପଟ ହେଉଥିବାର ଦେଖିବାକୁ ମିଳିଥିଲା ।ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନ ବିଭାଗର କର୍ମଚାରୀ ଓ ଭଞ୍ଜନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଗୁରୁତର ବାଘଟିକୁ ଜଣେ ପୁଲିସ କର୍ମଚାରୀ ବୋତଲରେ ପାଣି ପିଇବାକୁ ▶▶ପୃଷ୍ଠା ୭

# ୧୦୦ ବର୍ଷର ହାଇସ୍କୁଲ ପ୍ରତି ଅବହେଳା, ପ୍ରଧାନ ଶିକ୍ଷୟତ୍ରୀ ଯୋଗଦାନ ଆଗରୁ ଅବସର ନେଲେ

ରାଉରକେଲା, ୯/୦୭ (ନି.ପ୍ର): ରାଉରକେଲା ସହରର ସର୍ବ ପୁରାତନ ତଥା ୧୦୦ ବର୍ଷର ଏକ ହାଇସ୍କୁଲ ପାନପୋଷ ନୋଡାଲ ହାଇସ୍କୁଲରେ ଦୀର୍ଘ ୧୦ ବର୍ଷ ଧରି ପ୍ରଧାନଶିକ୍ଷକ ରଖାନଯାଇ କେବଳ ସହକାରୀ ଶିକ୍ଷକ ମାନଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରଖାଯାଉଥିବା ବେଳେ ପ୍ରଧାନଶିକ୍ଷକ ମାନଙ୍କର ଏଠାକୁ ବଦଳି ହେବା କ୍ଷଣି ରାତା ରାତି ତାଙ୍କୁ ଅନ୍ୟତ୍ର ପଠାଇଦେବା ଓ ଗତ ମାସ ୩୧ ତାରିଖରେ ଅବସର ନେଇଥିବା ଜଣେ ପ୍ରଧାନଶିକ୍ଷୟତ୍ରୀଙ୍କୁ ସେହି ଅବସର ଦିନ ପାନପୋଷ ହାଇସ୍କୁଲକୁ ବଦଳି କରିବା ଓ ସେଠାରେ ସେ ପ୍ରଧାନ ଶିକ୍ଷୟତ୍ରୀ ଯୋଗଦାନ ନକରି ଅବସର ନେବା ଘଟଣା, ସଂପ୍ରତି ଏହି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ପୁରଣ ନକରାଯିବା, ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ଅବହେଳା କରାଯିବା କଥା ପୁଣିଥରେ ପଦାରେ ପଡିଛି । ଏହା ଛଡା ମୁଁ ଫାଇଭ-ଟି ଙ୍କ ଲୋକ ମୁଁ ଯାହା ଚାହିଁବି ତାହା କରିବି କହି ଶିକ୍ଷା ବିଭାଗରେ ଏଭଳି ମନମାନି ଚଳାଇଥିବା ଲୋକ ଜଣକ କିଏ ତାକୁ ଖୋଜି ବାହାର କରି ସରକାରକୁ ବଦନାମ କରୁଥିବା ଏଭଳି ଲୋକ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ସହ ଏହି ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପୁଣିଥରେ ଦାବି ଉଠିଛି । ଅଭିଯୋଗରୁ ପ୍ରକାଶ ଯେ, ଏହି ବିଦ୍ୟାଳୟରେ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ପ୍ରଧାନ ଶିକ୍ଷକ ରଖାନଯାଇ ସହକାରୀ ଶିକ୍ଷକ ମାନଙ୍କୁ ନେଇ କାମ ଚଳା ଚାଲିଛି । ଏହାଦ୍ୱାରା ଅତିତରେ ଜଣେ ପିଲା ମାଟ୍ରିକ ପରୀକ୍ଷା ଦେବାରୁ ବଂଚିତ ହେବାକୁ ଯାଉଥିବା ବେଳେ ସେ ସମୟର ଜିଲ୍ଲାପାଳଙ୍କ ଲାଗି କଥାର ସମାଧାନ ହୋଇଥିଲା ଓ କାମଚଳା ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଥିଲେ । ପରେ ପୁଣି ସେହି କଥା ହେଲା ପୁଣି ଜଣେ କନିଷ୍ଠଙ୍କୁ ଏଠି ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ରଖାଗଲା । ବାରମ୍ବାର ଦାବି ପରେ ଜଣଙ୍କୁ ଏଠାକୁ ପ୍ରଧାନ ଶିକ୍ଷକ ଭାବେ ପଠାଯିବା ପରେ ପୁଣି ତାଙ୍କୁ ଅନ୍ୟତ୍ର ବଦଳି କରିଦିଆଗଲା । ଗତ ମାସ ୩୧ ତାରିଖରେ ଶିକ୍ଷା ବିଭାଗର ଆଦେଶନାମା ୧୮୪୦୯ ରେ ନର୍ମଦା ସ ଙ୍କୁ ସିରିଏଲ ନମ୍ବର ୭ରେ ପାନପୋଷ ନୋଡାଲ ହାଇସ୍କୁଲକୁ ପଠାଯାଇଥିଲା, କିନ୍ତୁ ଶ୍ରୀମତୀ ସ ୩୧ ଜୁଲାଇରେ ଅବାସର ନେଇଗଲେ । ଏହାଦ୍ୱାରା ବୁଝାପଡିଲା ଯେ, କେବଳ ସରକାରୀ ନିୟମକୁ ଆଖିଠାର ମାରିବାକୁ ଯାଇ ନାମକୁ ମାତ୍ର ପାନପୋଷକୁ ପ୍ରଧାନ ଶିକ୍ଷକ ପଠା ଚାଲିଛି କିନ୍ତୁ, ସେମାନେ ଯୋଗଦାନ କରିପାରୁନାହାନ୍ତି, ଖାଲି ସେତିକି ନୁହେଁ ଖାଲି ପଡିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଲିକାରେ ଏହି ବିଦ୍ୟାଳୟର ନାମ ମଧ୍ୟ ଉଲ୍ଲେଖ କରାଯାଉନାହିଁ । ତେବେ ଏଭଳି କାରବାର ପଛରେ କାହାର କି ପ୍ରକାର ମହତ ଉଦ୍ଦେଶ୍ୟ ରହୁଛି, ସେଥିରେ କିଏ ଲାଭବାନ ହେଉଛି, ଛାତ୍ର ଛାତ୍ରୀ ତଥା ବିଦ୍ୟାଳୟଟିକୁ ଏଭଳି ଅବହେଳା କରି ତାଙ୍କୁ କିପ୍ରକାର ଫାଇଦା ମିଳୁଛି ସେ ଏଭଳି ପ୍ରହସନ କାହିଁକି ଚଳାଇଛନ୍ତି ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି । ଖବରରୁ ଜଣାପଡିଛି ଯେ, ଜଣେ ବାବୁ ନିଜକୁ ଫାଇଭ-ଟି ଲୋକ ଏବଂ ମୁଖ୍ୟମନ୍ତ୍ରୀ ଅଫିସ ସହ ତାଙ୍କର ସଂପର୍କ ଭାରି ଭଲ ସେ ଯାହା ଚାହିଁବେ ତାହା କରିବେ କହି ଏଭଳି ଖେଳ ଖେଳୁଥିବା କଥା ଆଲୋଚନା ଚାଲିଛି । ଏଭଳି କାରବାର ଲାଗି ପ୍ରାଥମିକ ଠାରୁ ହାଇସ୍କୁଲ ନେଇ ଶହ ଶହ ପିଲାଙ୍କର ଏହି ବିଦ୍ୟାଳୟରେ ନାନା ପ୍ରକାର ଆର୍ଥିକ, ପ୍ରଶାସନିକ ଓ ପାଠ ପଢା ବିଷୟ କଥା ଦାଣ୍ଡରେ ପଡି ହାଟରେ ଗଡିଲାଣି । ଓଡିଶାର ମୁଖ୍ୟମନ୍ତ୍ରୀ ସବୁବେଳେ ଶିକ୍ଷା ବିଭାଗ ପ୍ରତି ଯତ୍ନବାନ, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଫାଇଭ-ଟି ସଚିବ ଅନେକ ସହଯୋଗ କରୁଛନ୍ତି କିନ୍ତୁ, ତାଙ୍କ ନାମ କହି ଫାଇଭ-ଟି ଙ୍କ ନାମକୁ ଖୋଲା ଖୋଲି ବ୍ୟବହାର କରି ଏଭଳି କାରବାର ଚଳାଇଥିବା ଲୋକକୁ ତୁରନ୍ତ ଧରିବା ସହ ତା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଏହି ବିଦ୍ୟାଳୟକୁ ଜଣେ ଦକ୍ଷ ପ୍ରଧାନ ଶିକ୍ଷକ ଯୋଗାଇଦେବା ଲାଗି ଦାବି ହେଉଛି ।

## ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡା, ୯/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନେ ସେମାନଙ୍କର ବିଭିନ୍ନ ଚାକିରୀଗତ ସମସ୍ୟା ତୁରନ୍ତ ସମାଧାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୨୦୧୬ ମସିହାରୁ ଏହି ବିଦ୍ୟାଳୟ ମାନଙ୍କରେ କାମ କରୁଥିବା ଶିକ୍ଷକ ଓ କର୍ମଚାରୀ ମାନେ ଘରୋଇ ସଂସ୍ଥା ଇଆରପି ମାଧ୍ୟମରେ ସେମାନଙ୍କର ଦରମା ପାଇ ଆସୁଥିବା ବେଳେ ସରକାରୀ ଚାକିରୀ ସର୍ତାବଳୀ ସେମାନଙ୍କ ପାଇଁ ଲାଗୁ ହୋଇପାରୁ ନାହିଁ । ଏହି ସମସ୍ୟାର ସମାଧାନ ପାଇଁ ଏହି କର୍ମଚାରୀ ମାନଙ୍କୁ ସରକାରୀ କର୍ମଚାରୀଙ୍କ ଭଳି ଟ୍ରେଜେରୀ ମାଧ୍ୟମରେ ଦରମା ଦିଆ ଯିବାକୁ ଦାବି କରାଯାଇଛି । ଏହା ସହ କ୍ୟାଡର ରୁଲ ଓ ସରକାରୀ ଚାକିରୀ ସର୍ତାବଳୀ ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘର ସଭାପତି ଶିବ ଚରଣ ପ୍ରଧାନ, ଅନିଲ କୁମାର ଦାସ, ମଧୁସୁଦନ ଦାସ, ଜୟଦେବ ଦେ, କଳ୍ପତରୁ ନାଉରୀ ପ୍ରମୁଖ କର୍ମକର୍ତା ମାନେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ରତ୍ନଭଣ୍ଡାର ଖୋଲିବା ପାଇଁ ଜଗନ୍ନାଥ ସେନାର ବିକ୍ଷୋଭ

ପୁରୀ, ୯/୦୭ (ନି.ପ୍ର): ରତ୍ନଭଣ୍ଡାର ଓ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି ବୋଲି ରାଜ୍ୟ ସରକାର ହାଇକୋର୍ଟକୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି । ଅନ୍ୟପକ୍ଷରେ ଭାରତୀୟ ପ୍ରତ୍ନତାତିକ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ରତ୍ନଭଣ୍ଡାର ଅବସ୍ଥା ଭଲନାହିଁ ଓ ମରାମତି ଆବଶ୍ୟକ ବୋଲି ୨୦୧୮ ମସିହାରୁ ମରାମତି ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ଜଗନ୍ନାଥ ସେନା ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଆଇନମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ସରକାର ଯଦି ସ୍ୱଚ୍ଛ ରତ୍ନଭଣ୍ଡାର ଖୋଲି ୧୯୭୮ ମସିହାରେ ହୋଇଥିବା ତାଲିକା ଅନୁଯାୟୀ ଅଳଙ୍କାର ଗୁଡ଼ିକ ଗଣତି ଓ ମଣତି କରାଯାଇ ଭକ୍ତମାନଙ୍କୁ ଜଣାଇ ଦିଆଯାଉ । ସେତେବେଳେ ରତ୍ନଭଣ୍ଡାର ଗଣତି ପାଇଁ ଦେଢମାସ ସମୟ ଲାଗିଥିଲା । ଏବେ କିପରି ଗୋଟିଏ ସପ୍ତାହରେ ରତ୍ନଭଣ୍ଡାର ଗଣି ତାଲିକା ପ୍ରସ୍ତୁତ କରିବା ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ପ୍ରସଙ୍ଗ ଆଣିବା ହାସ୍ୟାସ୍ୱଦ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଅତି ସୁଚିନ୍ତିତ ଉପାୟରେ ଆସନ୍ତା ନିର୍ବାଚନ ପରେ ରତ୍ନ ଭଣ୍ଡାର ଖୋଲିବା ପାଇଁ ଯୋଜନା କରାଯାଇଛି । ଏବେ ତୁରନ୍ତ ଖୋଲିବା ପାଇଁ ସେନା ପକ୍ଷରୁ ଦାବି କରାଯାଇଛି ।

# ସର୍ବସାଧାରଣ ରାସ୍ତା ଅବରୋଧ: ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା, ୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗର୍ତ ଗୁଲନଗର ଗ୍ରାମର ନରହରି ଗୋଛାୟତ ବହୁଦିନ ଧରି ଗୁଲନଗର ଓ ରାମନଗର ପାଟଣାର ଚାଷୀମାନେ ଯାଉଥିବା ସର୍ବସାଧାରଣ ରାସ୍ତାକୁ ଅବରୋଧ କରୁଛନ୍ତି । ରାସ୍ତାରେ ଖୁଣ୍ଟ ପୋତି ଏବଂ ରାସ୍ତାକୁ ଖୋଳି ଚାଷକାର୍ଯ୍ୟ ପାଇଁ ଚାଷ କ୍ଷେତକୁ ଯାଉଥିବା ଟ୍ରାକ୍ଟର ଓ ପାୱାରଟେଲର ଗୁଡିକୁ ଅବରୋଧ କରୁଛନ୍ତି । ଏହି ରାସ୍ତାରେ ନାଳ ଉପରେ ଦୀର୍ଘ ଏକଶତ ବର୍ଷ ପୂର୍ବରୁ ଏକ ସରକାରୀ ପୋଲ ରହିଛି । ସେହି ପୋଲ ଦେଇ ଗୁଲନଗର, ରାମନଗର ପାଟଣା, ସୁଜାନଗର ଏବଂ ଖଇରାବାଦ ଗ୍ରାମର ଚାଷୀମାନେ ସେବଠାରୁ ଚାଷଜମିକୁ ଯାଇଥାନ୍ତି । କିନ୍ତୁ ରାସ୍ତା ଅବରୋଧକାରୀ ଶ୍ରୀ ଗୋଛାୟତ ସେହି ସର୍ବସାଧାରଣ ରାସ୍ତାକୁ ବେଆଇନ ଭାବେ ପଞ୍ଚାୟତବାସୀଙ୍କ ଅଗୋଚରରେ ନିଜ ନାମରେ କେନ୍ଦ୍ରାପଡା ତହସିଲରୁ ପ...। କରି ନେଇଥିବା ଖବର ମିଳୁଛି । ତେଣୁ ଏହାର ତଦନ୍ତ କରି ବେଆଇନ ପ...।କୁ ରଦ୍ଦ କରିବା ସହିତ ସର୍ବସାଧାରଣ ରାସ୍ତାକୁ ଅବରୋଧମୁକ୍ତ କରିବା ପାଇଁ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଦାବିପତ୍ରକୁ ଗ୍ରହଣ କରି କେନ୍ଦ୍ରାପଡା ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପଂଚାୟତବାସୀଙ୍କ ପକ୍ଷରୁ ରବିନ୍ଦ୍ରନାଥ ରଥ, ଅଲେଖ ସେଠୀ, ଅନନ୍ତ ସାହୁ, ପ୍ରଶାନ୍ତ କୁମାର ସାହୁ, ରେମଶ ଚନ୍ଦ୍ର ପାତ୍ର, ଗୌରାଙ୍ଗ ସାହୁ, ଦିଲ୍ଲୀପ ରଥ, ନିରଞ୍ଜନ ନାୟକ, ନଳିନୀକାନ୍ତ ନାୟକ, ଗେଲୋଖ ସାହୁ, ଦନେଶ କୁମାର ବେହେରା ପ୍ରମୁଖ ୧୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ର୍‌ୟାଙ୍କ ପ୍ରସ୍ତୁତ କରିବାରେ ଓଡିଶା ସର୍ବାଗ୍ରେ : ମନ୍ତ୍ରୀ

ଭୁବନେଶ୍ୱର, ୯/୦୭ (ନି.ପ୍ର): ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଙ୍କ ପ୍ରୀତି ରଞ୍ଜନ ଘଡାଇ ମଙ୍ଗଳବାର ପୂର୍ବାହ୍ନରେ ର୍‌ୟାଙ୍କିଙ୍ଗ ପୁସ୍ତିକା ଉନ୍ମୋଚନ କରିଛନ୍ତି । ଏହି ଅବସରରେ ସେ କହିଲେ ଯେ ପଲିଟେକ୍ନିସ ଅନୁଷ୍ଠାନ ମାନଙ୍କୁ ନେଇ ଏଭଳି ର୍‌ୟାଙ୍କ ପ୍ରସ୍ତୁତ କରିବାରେ ଓଡିଶା ସାରା ଭାରତରେ ପ୍ରଥମ । ଆଜି ସ୍କିଲ୍ଡ ଇନ ଓଡିଶା ଏକ ବିଶ୍ୱ ବ୍ରାଣ୍ଡ ଭାବେ ପରିଚିତ । ଏହି ମାନ୍ୟତା ବୈଷୟିକ ଶିକ୍ଷା ଅନୁଷ୍ଠାନର ଗୁଣବତା ବଜାୟ ରଖିବା ସହ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ବାତବରଣ ସୃଷ୍ଟି କରିବାକୁ ଉତ୍ସାହିତ କରିବ । ଏହାପରେ ମନ୍ତ୍ରୀ ଶ୍ରୀ ଘଡେଇ ମାନ୍ୟତା ତାଲିକାରୁ ଶ୍ରେଷ୍ଠ ୧୦ ଟି ଅନୁଷ୍ଠାନର ନାମ ଘୋଷଣା କରିଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଲେ ଯେ ରାଜ୍ୟ ସରକାର ବୈଷୟିକ ଶିକ୍ଷାକୁ ପ୍ରାଥମିକତା ଦେଉଛନ୍ତି ଯାହା ଫଳରେ ସ୍କିଲ୍ଡ ଇନ ଓଡିଶା ଆଜି ଏକ ବ୍ରାଣ୍ଡ ଭାବେ ଉଭା ହୋଇ ଓଡିଶା ଏକ ସ୍କିଲ ହବରେ ପରିଣତ ହେବାକୁ ଯାଉଛି । ୯ ଗୋଟି ପାରାମିଟରେ ପର୍ଯ୍ୟବେଶିତ ଏହି ମାନ୍ୟତା ତାଲିକା କୁ କେହି ମାର୍କ ବା ଗ୍ରେଡ ବୋଲି ଭାବିବା ଉଚିତ ନୁହେଁ ବରଂ ଏହା ଆମର ଶୈକ୍ଷିକ ପରିବେଶକୁ ଆଗକୁ ନେବାର ପ୍ରୟାସ ବୋଲି ସେ କହିଥିଲେ । ସୂଚନା ଯୋଗ୍ୟଯେ ରାଜ୍ୟ ର୍‌ୟାଙ୍କିଙ୍ଗର ପ୍ରଥମ ସଂସ୍କରଣ ୨୦୨୨ ମସିହାରେ ପ୍ରକାଶିତ ହୋଇଥିଲା । ପ୍ରକ୍ରିୟାକୁ ନିରପେକ୍ଷ, ନ୍ୟାୟଯୁକ୍ତ କରିବାକୁ, ନୂଆଦିଲ୍ଲୀର ଶିକ୍ଷା ଏବଂ ତାଲିମ ପାଇଁ ଜାତୀୟ ସ୍ୱୀକୃତି ବୋର୍ଡ କୁ ଦାୟିତ୍ୱ ଦିଆଯାଇଥିଲା । ସେମାନେ ରାଙ୍କିଙ୍ଗରେ ସ୍ଥାନ ପାଇଥିବା ସମସ୍ତ ୧୦୦ ଗୋଟି ପଲିଟେକ୍ନିସ ଅନୁଷ୍ଠାନର କ୍ଷେତ୍ର ପରିଦର୍ଶନ ସହିତ ଏକାଧିକ ପର୍ଯ୍ୟାୟରେ ମୂଲ୍ୟାଙ୍କନ କାର୍ଯ୍ୟ କରିଛନ୍ତି । ଏହି ଅନୁଷ୍ଠାନଗୁଡ଼ିକ ଉଭୟ ସରକାରୀ ଏବଂ ବେସରକାରୀ ପଲିଟେକ୍ନିକ୍ସର ଅନ୍ତର୍ଭୁକ୍ତ । ପ୍ରାରମ୍ଭରେ ରାଜ୍ୟ ବୈଷୟୀକ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ରେଘୁ ଜି ସ୍ୱାଗତ ଭାଷଣ ପ୍ରଦାନ ସହ ଏହି ମାନ୍ୟତା ପ୍ରଦାନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଶିକ୍ଷା ଓ ତାଲିମ ପାଇଁ ଜାତୀୟ ସ୍ୱିକୃତିପ୍ରାପ୍ତ ବୋର୍ଡର ର ସି.ଇ.ଓ ଡା. ବରିନ୍ଦର ଏସ. କନୱାର ଓ ନିର୍ଦ୍ଦେଶକ ଡା. ଆରାଧନା ଏହି ମାନ୍ୟତା ତାଲିକା ତିଆରି କରିବାରେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ଏବଂ ଦକ୍ଷତା ବିକାଶ ଓ ବୈଷୟୀକ ଶିକ୍ଷା ବିଭାଗର ଅଧିକାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ୨୦୨୩ ସୁଦ୍ଧା ଫାଇଲେରିଆ ଶୂନ୍ୟ :ଜିଲ୍ଲାରେ ୪ଟି ବ୍ଲକରେ ଅଧିକ ରୋଗୀ

କେନ୍ଦୁଝର, ୯/୦୭ (ନି.ପ୍ର): ୨୦୨୩ ସୁଦ୍ଧା ଫାଇଲେରିଆର ନିରାକରଣ ଭାରତର ପ୍ରତିବଦ୍ଧତାକୁ ମନ ମଧ୍ୟରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରୟାସଗୁଡିକ ଜାରି ରଖିବାର ଗୁରୁତ୍ୱକୁ ଗ୍ରହଣ କରି ଲିମ୍ଫାଟିକ ଫାଇଲେରିଆସିସ୍ ମୂଳୋତ୍ପାଟନ କାର୍ଯ୍ୟକ୍ରମ ଅଧିନରେ ଓଡିଶା ସରକାର ଜିଲ୍ଲାରେ ଅଗଷ୍ଟ ୧୦ରୁ ଏମ୍‌ଡିଏ ପର୍ଯ୍ୟାୟଗୁଡିକ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ବୋଲି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର କିଶୋର କୁମାର ପୃଷ୍ଟି ପ୍ରକାଶ କରିଛନ୍ତି । ଡକ୍ଟର ପୃଷ୍ଟି କହିଛନ୍ତି ଯେ, ଏବେ କେନ୍ଦୁଝର ଜିଲ୍ଲାରେ ୨୧ଲକ୍ଷ ୭ହଜାର ୮୦ଜଣ ବ୍ୟକ୍ତି ବସବାସ କରୁଥିବାବେଳେ ଅଗଷ୍ଟ ୧୦ତାରିଖଠାରୁ ୧୯ତାରିଖ ପର୍ଯ୍ୟନ୍ତ ଦୁଇବର୍ଷ ବୟସରୁ କମ ବୟସର ଶିଶୁ,ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ବାଦ ଦେଇ ଅନ୍ୟ ସମସ୍ତଙ୍କୁ ଫାଇଲେରିଆ ବଟିକା ପ୍ରଦାନ କରାଯିବ । ଚଳିତ ବର୍ଷ ୫୨ଲକ୍ଷ ୬୭ହଜାର ୭୦୦ ଡିଇସି ଓ ଆଇଭରମେକଟିନ ଓ ୨୧ଲକ୍ଷ ୦୭ହଜାର ୮୦ଟି ଆଲବେଣ୍ଡାଜୋଲ ବଟିକା ଦିଆଯିବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି । ୭ହଜାର ୨୦୪ଜଣ ଡ୍ରଗ୍ସ ଆଡମିନିଷ୍ଟ୍ରଟର, ୭୦୨ଜଣ ସୁପରଭାଇଜର, ୪୨ଟି ରାପିଡ ରେସପନ୍ସ ଟିମ ଏଥିରେ ନିୟୋଜିତ ରହିବା ସହିତ ୬୪ଟି ସେକ୍ଟରରେ ଥିବା ୩୧ସବ୍ ସେଂଟରରେ ଏହି ଟୀକା ପ୍ରଦାନ କରିବେ ବୋଲି ଜଣାପଡିଛି । ପରୀକ୍ଷାମୂଳକ ଭାବରେ ୧୧ହଜାର ୨୧୨ଜଣଙ୍କ ନିକଟରୁ ରକ୍ତ ସଂଗ୍ରହ କରାଯାଇ ୨୦୨ଜଣଙ୍କ ନିକଟରେ ଫାଇଲେରିଆ ଜୀବାଣୁ ଠାବ କରାଯାଇଥିଲା । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବେନ ଦାସ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧି ଔଷଧ ସେବନ କରିବେ । ସେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଅଧିନରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଫାଇଲେରିଆ ନିରାକରଣ ଦିଗରେ ପ୍ରତିବଦ୍ଧତା ସହିତ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଜନସମୁଦାୟ ଯେଭଳି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାରେ ମୁଖ୍ୟ ସହଭାଗୀ, ସ୍କୁଲ ଛାତ୍ରଛାତ୍ରୀ, ଆଇସିଡିଏସ୍ କର୍ମଚାରୀଙ୍କୁ ସଂପୃକ୍ତ କରି ଏହି କାର୍ଯ୍ୟକ୍ରମରେ ସାମାଜିକ ଅଂଶଗ୍ରହଣ ମଧ୍ୟ ଜିଲ୍ଲାରେ କାର୍ଯ୍ୟକ୍ରମକୁ ଅଧିକ ଭଲ ଭାବରେ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି । ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା ଏହି ସଂକ୍ରମଣ ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଦେଉଛି ଏବଂ ଯଦି ତାହାର ଚିକିତ୍ସା କରାନଯାଏ, ତେବେ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରିଥାଏ । ଫାଇଲେରିଆରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିମ୍ଫୋଡେମା (ଅଙ୍ଗପ୍ରତ୍ୟଙ୍ଗ ଫୁଲିବା) ଏବଂ ଚାଇଲୁରିଆ (ଇଷ୍ୱତ ଦୁଗ୍ଧ ରଙ୍ଗର ପରିସ୍ରା) ଆଦି ସମସ୍ୟାର ଶିକାର ହୋଇଥାନ୍ତି । ଏହି ପରିସ୍ଥିତି ଲିମ୍ଫାଟିକ ଫାଇଲେରିଆରେ ଆକ୍ରାନ୍ତ ଲୋକଙ୍କ ଜୀବିକା ଉପାର୍ଜନ, ସୁବିଧା ସୁଯୋଗ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ଏହା ସେମାନଙ୍କ ପାଇଁ ଏକ କଳଙ୍କ ହୋଇଥାଏ । ଫାଇଲେରିଆ ଏକ ଅକ୍ଷମତା ସୃଷ୍ଟିକାରୀ ରୋଗ ଯାହାକୁ ତାଲମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ନିରୋଧି ଔଷଧ ସେବନ ଦ୍ୱାରା ରୋକାଯାଇପାରିବ । ତେବେ କେନ୍ଦୁଝର ଜିଲ୍ଲାର ଘଷିପୁରା, ଚମ୍ପୁଆ, ସଦର ଓ ଯୋଡା ବ୍ଲକରେ ଅଧିକ ସଂଖ୍ୟାରେ ଫାଇଲେରିଆ ରୋଗୀ ରହିଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରକାଶ କରିଛନ୍ତି । ଜନସଚେତନା ସମ୍ପର୍କୀତ କର୍ମଶାଳାରେ ଭିବିଡି ପରାମର୍ଶଦାତା ବଳଦେବ ନନ୍ଦ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ମନିଷା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିନା ଅଧିକାରୀରେ ଚାଲୁଛି ବ୍ରହ୍ମବରଦା ଥାନା : ଜିଲ୍ଲା ପ୍ରଶାସନ କରୁଛି ଅଣଦେଖା

ଧର୍ମଶାଳା, ୯/୦୭ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ନିମେନ୍ତ ସରକାର ଥାନା ଓ ଫାଣ୍ଡି ପ୍ରତିଷ୍ଠ ହୋଇଛି । ଏବଂ ନିକଟରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ନେଇ ରାଜ୍ୟ ସରକାର ଅନେକ ଫାଣ୍ଡିକୁ ଥାନାରେ ପରିଣତ କରିଛନ୍ତି । ଏନେଇ ସରକାର ତତ୍ପର ଥିବା ବେଳେ ଅନେକ ସ୍ଥାନରେ ପ୍ରଶାସନ ଅଣ ଦେଖା କରୁଥିବା ଅଭିଯୋଗ ହୋଉଛି । ଫଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଅନେକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନରେ ଆବଶ୍ୟକୀୟ କର୍ମଚାରୀ ନ ଥିବା ବେଳେ ଅଳ୍ପ କର୍ମଚାରୀରେ ଥାନା ଚାଲୁଛି । ଯାଜପୁର ଜିଲା ବ୍ରହ୍ମବରଦା ଥାନାରେ ବିନା ଥାନାଧିକାରୀଙ୍କ ଅନୁପସ୍ଥିତିରେ ଥାନା ଚାଲିଛି । ପୂର୍ବରୁ ଧର୍ମଶାଳା ଥାନା ଅଧିନରେ ବ୍ରହ୍ମବରଦା ଫାଣ୍ଡି ରହିଥିଲା । ଏହି ସ୍ଥାନ ଏକ ଗୁରୁତ୍ୱ ପୁର୍ଣ୍ଣ ଓ ସଂଖ୍ୟାଲଘୁ ସମ୍ପ୍ରଦାୟକର ଲୋକଙ୍କ ଦୃଷ୍ଟି କୋଣରୁ ଫାଣ୍ଡିକୁ ଜାନୁଆରୀ ମାସ ୯ ତାରିଖରେ ଥାନାର ମାନ୍ୟତା ଦିଆଯାଇଥିଲା । ସେତେବେଳେ ବ୍ରହ୍ମବରଦା ଫାଣ୍ଡିରେ ଥିବା ଅଧିକାରୀ ଏସ୍ ଦାଶରଥୀ ପାତ୍ର ଥାନା ଚଳାଇ ଆସୁଥିଲେ । ତାଙ୍କୁ ଏଠାରୁ ଜୁଲାଇ ମାସ ୮ ତାରିଖରେ ଅନ୍ୟ ଜିଲାକୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ଶ୍ରବଣ ମହାରଣାକୁ କାର୍ଯ୍ୟରେ ଯୋଗ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ସେ ଏଠାରେ ଯୋଗ ଦେବା ପୂର୍ବରୁ ତାଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯାଇଥିବା ବେଳେ ଆଜକୁ ୧ ମାସ ବିତିଯାଇଥିଲେ ମଧ୍ୟ କେହି ଥାନା ଅଧିକାରୀ ଯୋଗ ଦେଇ ପାରିନାହାନ୍ତି । ଫଳରେ ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ ହେବା ନେଇ ଆଶଙ୍କା ରହିଛି । ଏହି ଥାନା ଅଧିନରେ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ବ୍ରହ୍ମବରଦା, ମହେଶ୍ୱରପୁର,ବନ୍ଧଡିହ ,ରାଉତରାପୁର, ମଙ୍ଗରାଜପୁର,ଅର୍ଥଙ୍ଗା ପଂଚାୟତ ସହ ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକର ଝାଲପଡା ଓ ରୁଦ୍ରପୁର ଓ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ ସହ ମୋଟ ୯ଗୋଟି ରହିଛି । ଏହି ପଂଚାୟତରେ ସଂଖ୍ୟଲଘୁ ସମ୍ପ୍ରଦାୟ ଜନ ସଂଖ୍ୟା ୧୦ ହଜାରୁ ଉର୍ଦ୍ଧ । ଜନସଂଖ୍ୟା ଓ ୯ ଗୋଟି ପଂଚାୟତକୁ ଆୟତ କରିବା ପାଇଁ ଆବାଶ୍ୟକୀୟ ପୋଲିସ କର୍ମଚାରୀ ନାହାନ୍ତି । ଏହି ଥାନାରେ ବର୍ତମାନ ଜଣେ ଏସଆଇ,୨ ଜଣ ଏଏସ୍ଆଇ,୪ଜଣ କନେଷ୍ଟବଳ, ୨ ଜଣ ହୋମଗାର୍ଡ ସହ ଜଣେ ଡ୍ରାଇଭର କାର୍ଯ୍ୟରତ ଅଛନ୍ତି । ଜନସଂଖ୍ୟା ଦୃଷ୍ଟି କୋଣୁ ଏଡାରେ ଆହୁରୀ ଅନେକ କର୍ମଚାୀଙ୍କ ଆବଶ୍ୟକତା ରହିଛି । ଜିଲାର ଏଭଳି ଗୁରୁତ୍ୱ ପୁର୍ଣ୍ଣ ଥାନାରେ ଥାନା ଅଧିକାରୀ ନ ଥିବାରୁ ଜଣେ ଏସ୍ଆଇ ଥାନା ଚଳାଉଛନ୍ତି ।

# ଚାଷ ଜମିରେ ମାଳ ମାଳ ବିଦ୍ୟୁତ ଖୁଂଟ : ହେଉନି ସଂଯୋଗ, ବଢୁଛି ଚାଷୀ ଅସନ୍ତୋଷ

କୋରେଇ, ୯/୦୭ (ନି.ପ୍ର): ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଉଠାଜଳସେଚନ ବିଭାଗ ଓ ବିଦ୍ୟୁତ ବିଭାଗର ତାଳମେଳ ରହୁନଥିବାରୁ ଚାଷୀ ପାଣିମଡାଇପାରୁନି । ବାରମ୍ବାର ଗୁହାରୀ କଲେ ବି ବିଦ୍ୟୁତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ । ଉଠାଜଳସେଚନ ପ୍ରକଳ୍ପକୁ ଖୁଂଟ ପଡିଛି । କିନ୍ତୁ ତାର ଟଣାଯାଉନି କି ବିଦ୍ୟୁତ ସଂଯୋଗ କରାଯାଉନି । ଫଳରେ ଚାଷୀ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ବର୍ତମଣା ଗ୍ରାମରେ । ସରକାରୀ ଯୋଜନା ମୁତାବକ ୫ ଜଣ ଚାଷୀ ଏକତ୍ରିତ ହେଲେ ସେମାନେ ୨୦ ହଜାର ଟଙ୍କା ଲେଖାଁଏ ପଇଠ କରିଲେ ବିଭାଗ ପକ୍ଷରୁ ସେମାନଙ୍କ ଚାଷ ଜମିରେ ଉଠାଜଳସେଚନ ପ୍ରକଳ୍ପ କରାଯାଇ ବିଦ୍ୟୁତ ସଂଯୋଗ କରାଯିବ । ଯାହା ଫଳରେ ଚାଷୀମାନେ ସେଠାରେ ପାଣି ଉଠାଇ ଚାଷ କାମରେ ବ୍ୟବହାର କରିପାରିବେ । ବିଭାଗୀୟ ଯୋଜନା ମୁତାବକ ଚାଷୀ ତାର ସମସ୍ତ କାଗଜ ପତ୍ର ଓ ଅର୍ଥ ପଇଠ କରିବା ପରେ ଉଠାଜଳସେଚନ ବିଭାଗ ପକ୍ଷରୁ ଖନନ କାର୍ଯ୍ୟ ସରିଯାଇଛି । ବିଦ୍ୟୁତ ଖୁଂଟ ମଧ୍ୟ ପଡିଛି । ମାତ୍ର ତାର ଟଣା ଯାଉନି କି ବିଦ୍ୟୁତ ସଂଯୋଗ ଦିଆଯାଉନି । ଯାହା ଫଳରେ ନିଅଂଟିଆ ବର୍ଷା ସମୟରେ ଚାଷୀ ତାର କ୍ଷେତରେ ପାଣି ମଡାଇପାରୁନି । ଚଳିତ ବର୍ଷ ଅସମୟରେ ବର୍ଷା ହେଉଛି । ବନ୍ୟା ପରେ ଆଉ ବର୍ଷାର ଦେଖା ନାହିଁ । କେତେକ ଜମିରେ ପାଣିଥିବ ବେଳେ ଆଉ କେତେକ ଜମିରେ ପାଣିର ଅଭାବ ଦେଖାଦେଇଛି । ଚାଷୀ ତାର ଅଗଭୀର ନଳକୂପରୁ ପାଣି ମଡାଇ ଚାଷ କରିବାକୁ ଇଚ୍ଛା କଲେବି ବିଦ୍ୟୁତ ସଂଯୋଗ ହୋଇନଥିବାରୁ ତାହା କରିପାରୁନି । ଏହା ଏକଧିକ ଚାଷୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ବିଦ୍ୟୁତ ତାର ଟାଣି ସଂଯୋଗ କରାଯାଇ ପାରିଲେ ଏ ଅସୁବିଧା ଦୂର ହୋଇପାରିବ । ମାତ୍ର ବିଦ୍ୟୁତ ବିଭାଗର ଖାମଖିଆଲି ନିତୀ ଯୋଗୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅବିଳମ୍ବେ ତାର ଟାଣି ବିଦ୍ୟୁତ ସଂଯୋଗ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି ।

# ସ୍କିଲ୍-ଇନ୍-ଓଡିଶାର ପ୍ରଦର୍ଶନୀ-ତଥା-ବିକ୍ରୟ ଆଇଟିଆଇ ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ଏବଂ କାରିଗରୀ ପ୍ରଦର୍ଶନ

ଭୁବନେଶ୍ୱର, ୯/୦୭ (ନି.ପ୍ର): ୭୬ ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଭୁବନେଶ୍ୱର ଖାରବେଳ ଭବନଠାରେ "ସ୍କିଲ୍-ଇନ୍-ଓଡିଶା : ପ୍ରଦର୍ଶନୀ-ତଥା -ବିକ୍ରୟ" ର ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅଗଷ୍ଟ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ହସ୍ତତନ୍ତ ଉତ୍ପାଦ, ବର୍ଜ୍ୟବସ୍ତୁରୁ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ କରାଯିବାର ଧାରଣାକୁ ପ୍ରୋତ୍ସାହିତ କରାଯିବା ଏବଂ ବିଶେଷ ଭାବରେ ୭୬ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆଟିଆଇ ଛାତ୍ରଛାତ୍ରୀମାନଙ୍କ ଉଲ୍ଲେଖନୀୟ ଦକ୍ଷତା ଏବଂ ସୃଜନଶୀଳତାକୁ ପରିପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଦର୍ଶନୀରେ ପ୍ରସାଧନ ସାମଗ୍ରୀ, କାଠ ହସ୍ତତନ୍ତ ଉତ୍ପାଦ, ବ୍ୟକ୍ତିଗତ ଆନୁଷଙ୍ଗିକ ସାମଗ୍ରୀ, ବେକେରୀ ସାମଗ୍ରୀ ଏବଂ ପ୍ରତିଭାବାନ ଆଇ.ଟି.ଆଇ.ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଅଭିନବ ସୃଷ୍ଟି ସହିତ ସୂକ୍ଷ୍ମ ବସ୍ତୁଗୁଡ଼ିକ ପ୍ରଦର୍ଶିତ ହୋଇଛି । ଏହି କାର୍ଯ୍ୟକ୍ରମ କେବଳ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ନୁହେଁ ବରଂ ସ୍ଥିରତା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ମୂଲ୍ୟବାନ ଉତ୍ପାଦ ସୃଷ୍ଟି କରିବା ପାଇଁ ବର୍ଜ୍ୟବସ୍ତୁ ବ୍ୟବହାର କରିବାର ସଂକଳ୍ପକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରେ । ପ୍ରଦର୍ଶନର ଦ୍ୱିତୀୟ ଦିନରେ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କର ସଦୟ ଉପସ୍ଥିତି ଛାତ୍ରଛାତ୍ରୀମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା । ଆଇଟିଆଇ ଛାତ୍ରମାନଙ୍କ ସହ କଥାବାର୍ତା କରୁଥିବାବେଳେ ସେ ଉଲ୍ଲେଖ କରିଛନ୍ତି ଯେ ସ୍କିଲ୍ ଇନ୍ ଓଡିଶା ଏକ ବିଶ୍ୱ ବ୍ରାଣ୍ଡରେ ପରିଣତ ହୋଇଛି । ପ୍ରଦର୍ଶନର ଅଭିନବ ଧାରଣାକୁ ପ୍ରଶଂସା କରି ସେ ଏହି ଆଉଟଲେଟଗୁଡ଼ିକୁ 'ସ୍କିଲ୍ ଇନ୍ ଓଡିଶା' ନାମକ ଏକ ପ୍ରତିଷ୍ଠିତ ବ୍ରାଣ୍ଡର ସ୍ତରକୁ ଉନ୍ନୀତ କରିବାକୁ ଦୃଢ ସଂକଳ୍ପ ପ୍ରକାଶ କରିଥିଲେ । ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଛାତ୍ରମାନଙ୍କୁ ସ୍ୱୀକୃତି ଏବଂ ପ୍ରଚୁର ଆୟ ଉତ୍ପାଦନ ଆଶା ପ୍ରଦାନ କରିଥାଏ । ଲକ୍ଷ୍ୟ ହେଉଛି ଓଡିଶାର କୁଶଳୀ କାରିଗରମାନଙ୍କୁ ସଶକ୍ତିକରଣ ଏବଂ ଉନ୍ନତ କରିବା ଯେପରି ଏକ ଦକ୍ଷ ପ୍ଲାଟଫର୍ମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାବେଳେ ସ୍କିଲ୍ ଇନ୍ ଓଡିଶାକୁ ସମସ୍ତେ ମନେ ପକାଇବ । 'ସ୍କିଲ୍ଡ-ଇନ୍-ଓଡିଶା' କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ବ୍ରାଣ୍ଡ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଆଇଟିଆଇ ପ୍ରଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ନିଜକୁ କଳାତ୍ମକ ଭାବରେ ପ୍ରକାଶ କରିବା ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ।

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।

**ବାର୍ଦ୍ଧକ୍ୟ ଅବସ୍ଥାର କାରଣ:** ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା:୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩-ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।



**ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା:** ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ପେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଶଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ପେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ପେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

**ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:**

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

**ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା:** ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲ୍ଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ



ସିଷ୍ଟମ ଓ ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା- ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

**ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:**

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ବେହା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

## ଶାହାରୁଖ୍ ପାନ



ଶାହାରୁଖ ଖାନ ଓ ଅନୁଷ୍କା ଶର୍ମାଙ୍କ 'ଜବ ହ୍ୟାରୀ ମେଟ୍ ସେଜଲ' ଭଲ ଚାଲଉନଥିଲେ ବି ଫିଲ୍ମର ପ୍ରମୋଶନ ବେଳେ ଏହି ଦୁଇ ତାରକା ଯେଉଁ ପାନ ଖାଇଥିଲେ ତାହା ଖଉବ ପ୍ରସିଦ୍ଧ ହୋଇଯାଇଛି। ବାରଣାସୀରେ ଫିଲ୍ମର ପ୍ରଚାରବେଳେ ଶାହାରୁଖ ଓ ଅନୁଷ୍କା ଖାଇଥିବା ସ୍ୱତନ୍ତ୍ର ମଗହୀ ପାନର ଚାହିଦା ଖୁବ ବଢ଼ିଯାଇଛି। ବାରଣାସୀ ଏହାର ପାନ୍ ପାଇଁ ପ୍ରସିଦ୍ଧ। ଏବେ ବନାରସୀ ପାନରେ ଆଉ ଏକ ନୂଆ ବ୍ରାଣ୍ଡ ଯୋଡ଼ି ହୋଇଯାଇଛି। ଯାହାର ନାମ ରଖାଯାଇଛି 'ଶାହାରୁଖ୍ ପାନ'। ବନାରସ ପାନର ଏହି ନୂଆ ଭର୍ସନର କ୍ରେଜ୍ ବି ବଢ଼ିବାରେ ଲାଗିଛି। ପାନର ଦାମ ୩୫ଟଙ୍କା ରହିଛି, ଯାହାକି ଅନ୍ୟ ପାନଠାରୁ ଅଧିକ। ବାରଣାସୀର ନଦେସର ଅଂଚଳରେ ୭୦ବର୍ଷୀୟ ସତୀଶଙ୍କ ଦୋକାନରେ ଏହି ପାନର ଖୁବ ଡିମାଣ୍ଡ ରହିଛି। ବାରଣାସୀର ଝିଅମାନଙ୍କ ଭିତରେ ବି ଏହା କ୍ରେଜ ବଢ଼ିଯାଇଛି। ଫିଲ୍ମର ପ୍ରମୋଶନବେଳେ ଶାହାରୁଖ ଏହି ପାନ ଖାଇ ଭୋଜପୁରୀ ଗୀତରେ ଖୁବ ନାଚିଥିଲେ। ଶାହାରୁଖ ଏହି ପାନ ଖାଇବା ପରେ ସତୀଶ ଏହାକୁ ତାଙ୍କ ନାମରେ ନାମିତ କରିଥିଲେ। ଏହାସହିତ ସେ ସାଧାରଣ ଲୋକଙ୍କ ପାଇଁ ବି ଏହି ବ୍ରାଣ୍ଡ ବାହା କରିଥିଲେ। ସତୀଶ କହିଛନ୍ତି, ସିଜନ ନଥିବାରୁ ମଗହୀ ପାନ ଖୁବ କମ ଆସୁଛି। ଏହାସହିତ ଏଥିରେ କେଶର, ଗୁଲକନ୍ଦଲ, ଗରି-ଅଳେଇଚ ବ୍ୟତୀତ ଆହୁରି ଅନେକ ପ୍ରକାରର ମସଲା ପଡ଼ଫିଥାଏ। ସେହି ମସଲାଗୁଡ଼ିକର ଦାମ ବହୁତ ଅଧିକ । ତେଣୁ ୩୫ଟଙ୍କା କିଛି ଅଧିକ ନୁହେଁ। ଏପଟେ ଏହି ପାନ ଖାଇ ଖୁସିରେ ଶାହାରୁଖ ପୁରସ୍କାର ବାବଦରେ ସତୀଶଙ୍କୁ ୧୧୦୦ଟଙ୍କା ଦେଇଥିଲେ।

## ନିର୍ଜନ ଦ୍ୱୀପରେ ୪୦ବର୍ଷ

୬୭ ବର୍ଷୀୟା ଜୋ ଲୁକାସ କାନାଡ଼ା ଉପକୂଳରେ ଥିବା ଏକ ନିର୍ଜନ ଦ୍ୱୀପ ସାବଲ ଆଇଲ୍ୟାଣ୍ଡରେ ଗତ ୪୦ବର୍ଷ ହେଲା ରହି ଆସୁଛନ୍ତି। ୨୬ ମାଇଲ ଲମ୍ବା ଏହି ଦ୍ୱୀପରେ ଜୋଙ୍କ ବ୍ୟତୀତ ୪୦୦ ରୁ ଉର୍ଦ୍ଧ୍ୱ ବଣୁଆ ଘୋଡ଼ା, ୩୩ଲକ୍ଷ ସିଲ୍ ଓ ୩୫୦ ପ୍ରଜାତିର ଚଢ଼େଇଛି ଦେଖିବାକୁ ମିଳନ୍ତି। ଅଠାଦଶ ଶତାବ୍ଦୀରେ ଏଠାରେ ବସତି ସ୍ଥାପନ ପାଇଁ ଚେଷ୍ଟା କରାଯାଇଥିଲା। ସେତେବେଳେ ଏହି ଘୋଡ଼ାଗୁଡ଼ିକୁ କୃଷି କାର୍ଯ୍ୟରେ ସାହାଯ୍ୟ କରିବାକୁ ଏଠାକୁ ଅଣାଯାଇଥିଲା। ବର୍ଷର ୧୨୫ ଦିନ ଏଠାରେ କୁହୁଡ଼ି ଆଚ୍ଛାଦିତ ହୋଇ ରହିଥାଏ। ଜୋ କହିଛନ୍ତି, ସେ ଦ୍ୱୀପରେ ରହିବାରେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ, କେବେବି ନିଜକୁ ନିସଙ୍ଗ ବୋଲି ମନେ କରନ୍ତିନି। ତାଙ୍କର ଅଧିକାଂଶ ସମୟ ବାଇନୋକୁଲାର ବନ୍ୟଜନ୍ତୁଙ୍କୁ ଦେଖିବାରେ କଟିଥାଏ। ହାଲିଫାକସର ବାସିନ୍ଦା ଜୋ ମାତ୍ର ୨୧ବର୍ଷ ସାବଳ ଦ୍ୱୀପକୁ ପ୍ରଥମେ ବୁଲି ଯାଇଥିଲେ। ଡଡାଙ୍ଗା କିମ୍ବା ଚାଟାର୍ଡ଼ ବିମାନ ଯୋଗେ ହିଁ ସାବଲ ଦ୍ୱୀପକୁ ଯାଇହୁଏ। ଦ୍ୱୀପରେ ଅନେକ ସମୟରେ ଜାହାଜଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତି, ତେଣୁ ଏହାକୁ ଆଟଲାଣ୍ଟିକର ମରଣଯନ୍ତା ବୋଲି କୁହାଯାଏ। ଏପର୍ଯ୍ୟନ୍ତ ପ୍ରାୟ ୩୦୦ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇସାରିଲେଣି। କିନ୍ତୁ ଏସବୁ ବିପଦ ସତ୍ତ୍ୱେ ଦ୍ୱୀପଟି ପ୍ରତି ଜୋଙ୍କର ପ୍ରେମ କମିନାହିଁ। ୨୦୧୩ରେ ସାବଲ ଦ୍ୱୀପକୁ ଜାତୀୟ ସଂରକ୍ଷିତ ଉଦ୍ୟାନ ଭାବେ ଘୋଷଣା କରାଯାଇଥିଲା। ସେବେଠାରୁ ଜାତୀୟ ଉଦ୍ୟାନର କର୍ମଚାରୀମାନେ ବର୍ଷ ସାରା ଅଦଳ ବଦଳ ହୋଇ ଦ୍ୱୀପରେ ରହିଥାନ୍ତି। ଯଦ୍ୱାରା ଜୋଙ୍କୁ କଥାବାର୍ତ୍ତା କରିବାକୁ କିଛି ଲୋକ ମିଳିଯାନ୍ତି। ଏଠାରେ ରହିବା ଭିତରେ ଜୋ ବଣୁଆ ଘୋଡ଼ାଙ୍କ ଅନେକ ଖପୁରୀର ସଂଗ୍ରହ କରିଛନ୍ତି। ଯଦ୍ୱାରାକି ବୈଜ୍ଞାନିକମାନେ ତା' ଉପରେ ଅଧକ ଅଧ୍ୟୟନ କରିପାରିବେ।



## ମନ୍ଦିର-ମସଜିଦ୍ ଏକାଠି

ସମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏକ ନିଆରା ଉଦାହରଣ ପାଲଟିଛି ପଶ୍ଚିମବଙ୍ଗର ଝରଗାମ। ଏଠାରେ ଜଣେ ବ୍ୟକ୍ତି ତାଙ୍କ ଘର ଭିତରେ ମନ୍ଦିର ସହିତ ମସଜିଦର ନିର୍ମାଣ କରିଛନ୍ତି। ପ୍ରତିଦିନ ଏଠାରେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ସହିତ କୋରାନ ବାଣୀ ବି ଶୁଣିପାରିବେ। ଲେକାମାନେ ବି ଗୋଟିଏ ସ୍ଥାନରେ ପୂଜା କରିବା ସହିତ ନମାଜ ପଢ଼ିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ଝାରଗାମର ୧୦ନମ୍ବର ଧୋରାଧରା ଟାଉନସିପ ଅଂଚଳରେ ଏହି ଭାଇଚାରା ଭାବ ଦେଖିବାକୁ ମିଳିଛି। ଏଠାରେ ଗତ ୨୩ ବର୍ଷ ହେଲା ନାରାୟଣ ଚନ୍ଦ୍ର ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ତାଙ୍କ ସରକାରୀ ବାଭବନରେ ଉଭୟ ମନ୍ଦିର ଓ ମସଜିଦ ନିର୍ମାଣ କରିଛନ୍ତି। ୭୮ ବର୍ଷୀୟ ନାରାୟଣଚନ୍ଦ ୧୯୮୬ ମସିହାରେ ତାଙ୍କ ଘରେ ଶିବ ମନ୍ଦିର ନିର୍ମାଣ କରିଥିଲେ। ପରେ ସେ ଜଣେ ମୁସଲମାନ ପୀରଙ୍କ ପ୍ରଭାବରେ ଆସିଥିଲେ। ୧୯୯୪ରେ ସେହି ପୀରବାବାଙ୍କର ପରଲୋକ ଘଟିଥିଲା। ପୀରବାବାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ଆଚାର୍ଯ୍ୟ ଶିବଲିଙ୍ଗ ନିକଟରେ ତାଙ୍କର ମଜାର ନିର୍ମାଣ କରିଥିଲେ। ସେତେବେଳେ ଆଚାର୍ଯ୍ୟ ଇଲେକ୍ଟ୍ରିସିଟି ବିଭାଗରେ କାମ କରୁଥିଲେ।

ଏକ ସାକ୍ଷାତକାରରେ ଆଚାର୍ଯ୍ୟ କରିଛନ୍ତି, ଏଠାରେ କୌଣସି ପ୍ରକାରର ଧାର୍ମିକ ବିବାଦ ଦେଖାଯାଇ ନଥାଏ। ଏଠାକୁ ଉଭୟ ହିନ୍ଦୁ-ମୁସଲମାନ ଏକାଠି ଆସନ୍ତି। କୋରାନ ପଢ଼ନ୍ତି ଓ ଯଜ୍ଞ କରନ୍ତି। ଯେଉଁ ଲୋକମାନେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ସମ୍ମାନ ଜଣାନ୍ତି, ସେମାନେ ଏଠାକୁ ଆସିବା କଥା ଓ ଜାଣିବା କଥା ଯେ ବାସ୍ତବରେ ଏହାର ଅର୍ଥ କ'ଣ ହୋଇଥାଏ। ୧୯୭୨ ମସିହାରେ ଆଚାର୍ଯ୍ୟ ଫୁରଫରା ଶରିଫ ଯାଇଥିଲେ। ସେଠାରେ ତାଙ୍କର ଭୋଟ ପୀରବାବା ହଜରତ ସଇଦ ଗୁଲାମ ଚିସ୍ତିଙ୍କ ସହିତ ସାକ୍ଷାତ ହୋଇଥିଲା। ସେହି ପୀରବାବା ସଂସ୍କୃତରେ ଗୀତା, ବେଦ ଓ ଉପନିଷଦ ପଢୁଥିଲେ। ପୀରବାବା ହିଁ ଆଚାର୍ଯ୍ୟଙ୍କୁ କହିଥିଲେ ଯେ, ବେଦ ଓ କୋରାନ ସବୁ ଗୋଟିଏ ପ୍ରକାରର। ଏଥିରେ ପରସ୍ପର ପ୍ରତି ଭଲ ପାଇବା, ଶାନ୍ତି ଓ ସୌହାର୍ଦ୍ଦ୍ୟର କଥା କୁହାଯାଇଥାଏ। ପୀରବାବାଙ୍କ ସେହି କଥାରେ ଆଚାର୍ଯ୍ୟ ଖୁବ ପ୍ରଭାବିତ ହୋଇଥିଲେ।

ଉଲ୍ଲେଖନୀୟ ଯେ, ପୁରା ଝାରଗାମର ଏହା ଗୋଟିଏ ମାତ୍ର ମଜାର ଓ ଦରଘା। କିନ୍ତୁ ଏଠାକୁ କୌଣସି ମୁଖ୍ୟମନ୍ତ୍ରୀ କେବେବି ପରିଦର୍ଶନରେ ଆସିନାହାଁନ୍ତି। କିନ୍ତୁ ଏହା ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଝାରଗାମ ଷ୍ଟାଡ଼ିୟମକୁ ଅନେକ ଥର ମୁଖ୍ୟମନ୍ତ୍ରୀ ବୁଲି ଆସିଛନ୍ତି।

## କୋଲେଷ୍ଟେରଲରୁ ମୁକ୍ତି

**ଆବଶ୍ୟକତା ଠାରୁ କୋଲେଷ୍ଟେରଲ ଅଧିକ ହେଲେ ମଣିଷ ପାଇଁ ବିପଦ ପହଂଚିଥାଏ। ଶରରରେ ରକ୍ତ ଏବଂ କୋଷରେ ଥିବା ଏହା ଚର୍ବି ଜାତୀୟ ପଦାର୍ଥ। ତେବେ ଏହା କୌଣସି ଉଦ୍ଭିଦ ଜାତ ଦ୍ରବ୍ୟରୁ ମିଳେନି। ପ୍ରାଣୀଙ୍କ ଠାରେ ସ୍ନେହସାର ଭାବରେ ମିଳୁଥିବା ବେଳେ କୋଲେଷ୍ଟେରଲ ସ୍ନେହସାରଯୁକ୍ତ ଖାଦ୍ୟ ମାଧ୍ୟମରେ ରକ୍ତରେ ପ୍ରବେଶ କରିଥାଏ।**

କୋଲେଷ୍ଟେରଲ ପରିମାଣ ଶରୀର ପାଇଁ ଅଧିକ ହେଲେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ବିଶେଷକରି ଏହା ଶରୀରରେ ଜୀବକୋଷ ତିଆରି କରିବାରେ ବହୁଳ ଭାବେ ସାହାଯ୍ୟ କରେ ଏହାଛଡ଼ା ପୁରୁଷ ଏବଂ ସ୍ତ୍ରୀ ହରମୋନ ସମେତ ଭିଟାମିନ ତିଆରି କରିବାରେ ସହାୟତା କରିଥାଏ। ମଣିଷ ଶରୀରରେ କୋଲେଷ୍ଟେରଲର ମାତ୍ରା ନିରୂପଣ ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିହୁଏ। ଜଣେ



ସୁସ୍ଥ ଲୋକର କୋଲେଷ୍ଟେରଲ ମାତ୍ରା ୧୦୦ ମିଲିମିଟର ଥିବାବେଳେ ରକ୍ତରେ ୧୫୦ରୁ ୨୨୦ ମିଲିଗ୍ରାମ ରହିଥାଏ। ତେବେ ଶରୀରରେ କୋଲେଷ୍ଟେରଲର ମାତ୍ରା ଅଧିକ ହେଲେ ଏହା ଶରୀରରେ ଥିବା ରକ୍ତନଳୀ ଭିତରେ ଜମା ହୋଇ ରକ୍ତନଳୀର ଛିଦ୍ରକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ରକ୍ତ ଚଳପ୍ରଚଳ ହେବାରେ ବାଧା ଉପୁଜିଥାଏ। ଏହାର ପରିଣାମ ସ୍ୱରୂପ ମନୁଷ୍ୟକୁ ଉଚ୍ଚ ରକ୍ତଚାପ,ପାରାଲିସିସ, ହୃଦଘାତ ଓ ପିତ୍ତକୋଷରେ ପଥର ଆଦି ସୃଷ୍ଟି ହୋଇଥାଏ।

**ସତର୍କତା:** ତେବେ ମଣିଷ ଏହି କୋଲେଷ୍ଟେରଲ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ଖାଦ୍ୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଜରୁରୀ। ଏଥିପାଇଁ ନିୟମିତ ବ୍ୟବଧାନରେ ରକ୍ତ ପରୀକ୍ଷା କରିବା ଆବଶ୍ୟକ। ଶାରୀରିକ ସନ୍ତଳନ ରକ୍ଷା ପାଇଁ ନିୟମିତ ଯୋଗ, ବ୍ୟାୟାମ ଆଦି କରିବା ଦରକାର। ଏତଦବ୍ୟତୀତ ଚର୍ବିଯୁକ୍ତମାଂସ, ଅଣ୍ଡାର କେଶର, ଲହୁଣି, ଘିଅ, ରିଫାଇନ ତେଲ ଆଦିରେ ଯଥେଷ୍ଟ କୋଲେଷ୍ଟେରଲ ଥିବାରୁ ଏଥିରୁ ନିବୃତ ରହିପାରିଲେ ଜଣେ ସୁସ୍ଥ ରହିପାରିବ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୧୦ ଅଗଷ୍ଟ ୨୦୨୩, ଗୁରୁବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯୋଗ୍ୟତା ପ୍ରମାଣର ସୁଅବସର...

କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବର୍ତ୍ତମାନର ୱେୟନାଡ୍ ସାଂସଦ ରାହୁଲ ଗାନ୍ଧୀ ସଂସଦକୁ ପ୍ରତ୍ୟାବର୍ତ୍ତନ କରିବା ଭାରତୀୟ ଗଣତନ୍ତ୍ରର ସର୍ବାଧିକ ଶକ୍ତିଶାଳୀ ରୂପକୁ ଦର୍ଶାଇଛି । ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭୁଶୁଡ଼ିବାକୁ ଯାଉଥିବା ବେଳେ ଏହାକୁ କିପରି ବୁଦ୍ଧିମତ୍ତା ଓ ପ୍ରାଣୋଚ୍ଛଳତାରେ ଭରି ଦେବାକୁ ଆମର ପୂର୍ବସୂରୀମାନଙ୍କ ଦ୍ୱାରା ସମଗ୍ର ପ୍ରକ୍ରିୟାରେ ଭାରସାମ୍ୟ ରକ୍ଷା କରାଯାଇଛି ଏବଂ ଏହାକୁ ନ୍ୟାୟିକ ପଦ୍ଧତି ତାକୁ ସୁଚାରୁ ରୂପେ ସମ୍ପାଦନ କରି ପାରୁଛି, ତାକୁ ଏହା ସର୍ବସାଧାରଣରେ ପ୍ରଦର୍ଶିତ କରିଛି । ଶ୍ରୀଯୁକ୍ତ ଗାନ୍ଧୀଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବପର ହୋଇ ପାରିଛି ସେତିକି ବେଳେ, ଯେତେବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗୁଜରାଟ ଅନ୍ତର୍ଗତ ସୁରଟର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ତାଙ୍କ ପ୍ରତି କରିଥିବା ସର୍ବାଧିକ ସମୟର ଦଣ୍ଡ ବିଧାନର କୌଣସି ଯୁକ୍ତିଯୁକ୍ତ କାରଣ ଦେଖିବାକୁ ପାଇ ନାହାନ୍ତି । ଉପରୋକ୍ତ କୋର୍ଟ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ 'ମୋଦୀ' ସାଙ୍ଗିଆ ଏବଂ 'ଚୋର' ଶବ୍ଦକୁ ସଂଯୁକ୍ତ କରିଥିବାରୁ ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଏକ ମାନହାନି ମାମଲାର ବିଚାର ପରିପ୍ରେକ୍ଷୀରେ ଏହି ଦଣ୍ଡ ପ୍ରଦାନ କରିଥିଲେ। ଏକଥା ସ୍ମରଣ କରାଯାଇପାରେ ଯେ ସର୍ବୋଚ୍ଚ ନ୍ୟାୟାଳୟ ଏହା ମଧ ଦର୍ଶାଇ ଥିଲେ କି, ସର୍ବାଧିକ ଦଣ୍ଡ ଦୁଇ ବର୍ଷରୁ ମାତ୍ର ଗୋଟିଏ ଦିନ ମଧ୍ୟ କମ୍ ହୋଇଥିଲେ ସଂସଦର ଲୋକସଭାରେ ଶ୍ରୀଯୁକ୍ତ ଗାନ୍ଧୀଙ୍କ ନିର୍ବାଚିତ ସଦସ୍ୟ ପଦ କାଏମ୍ ରହିଥାନ୍ତା, ଯାହା ମାନହାନି ମକଦ୍ଦମାକୁ ପରିଚାଳନା କରାଯିବାର ଉପଯୁକ୍ତ ପଦ୍ଧତିକୁ ବଜାୟ ରଖିଥାନ୍ତା। କିନ୍ତୁ ସେପରି ହୋଇ ନଥିବା ସୁପ୍ରିମ୍‌କୋର୍ଟ ଅନୁଭବ କରିଥିଲେ। ଖୁବ୍ ବେଶୀ ଦିନ ନୁହେଁ, ମାତ୍ର ଟିକିଏ ପଛକୁ ଫେରି ଦେଖିଲେ ୨୦୨୩ ମାର୍ଚ୍ଚ ୨୩ ତାରିଖର ଘଟଣାବଳୀ ସ୍ମୃତିପଟକୁ ଆସିବ, ଯେଉଁଦିନ ଶ୍ରୀଯୁକ୍ତ ଗାନ୍ଧୀ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ। ଆଉ ଏଇ ଦିନର ଘଟଣାକ୍ରମ ଯାହା ଥିଲା, ତାହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ବିରୋଧୀମାନଙ୍କୁ ଲକ୍ଷ୍ୟଭୁକ୍ତ କରାଯାଇ ତାଙ୍କ ବିରୋଧରେ କିପରି କାର୍ଯ୍ୟାନୁଷ୍ଠାନ କରାଯାଏ, ତାହା ଜଣେ ସହଜରେ ଜାଣି ପାରିବେ । କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇବାର ଅବ୍ୟବହିତ ପରେ ଲୋକସଭା ସଚିବାଳୟ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୮ ଅନୁସାରେ ମାତ୍ର ୨୪ ଘଣ୍ଟା ଭିତରେ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ଲୋକସଭାର ସଦସ୍ୟ ପଦ ପାଇଁ ଅଯୋଗ୍ୟ ଘୋଷିତ କରିବାର ବିଜ୍ଞପ୍ତି ଜାରି କଲେ । ପରେ ପରେ ତାଙ୍କୁ ସାଂସଦ ଭାବରେ ରହିବା ନିମନ୍ତେ ମିଳିଥିବା ଘର ଖାଲି କରିବାକୁ ନୋଟିସ୍ ଦିଆଗଲା । ଶ୍ରୀଯୁକ୍ତ ଗାନ୍ଧୀ ନୋଟିସରେ ପ୍ରଦାନ କରା ଯାଇଥିବା ସମୟ ସୀମାର ଅନୁପାଳନ କରିଥିଲେ ଏବଂ ଯେଉଁ ଘର ପାଖାପାଖି ଦୁଇ ଦଶନ୍ଧି ଧରି ତାଙ୍କ ପାଇଁ ବାସସ୍ଥଳୀ ହୋଇ ଆସିଥିଲା, ତାକୁ ପରିତ୍ୟାଗ କଲେ । ଶ୍ରୀଯୁକ୍ତ ଗାନ୍ଧୀ ବର୍ତ୍ତମାନ ସଂସଦୀୟ ଆକସ୍ମିକତାରେ ବିରୋଧୀମାନଙ୍କ ଦ୍ୱାରା ନବଗଠିତ 'ଇଣ୍ଡିଆ' ମେଣ୍ଟର ଏକ ସଦସ୍ୟ ହେବେ ଯେଉଁ ମେଣ୍ଟ ସଂଯୋଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଏକ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ବିରୋଧୀମାନେ ଏମିତି ଏକ ସରକାର ପାଇଁ ପ୍ରସ୍ତାବର ନୋଟିସ୍ ପ୍ରଦାନ କରିଛନ୍ତି ଯାହା ଗତ ତିନିମାସ ଧରି ଏକ ରାଜ୍ୟରେ ଧ୍ୱସ୍ତପ୍ରାୟ ହୋଇ ଯାଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କୌଶଳପୂର୍ଣ୍ଣ ଭାବରେ ପ୍ରଧାନମନ୍ତ୍ରୀଙ୍କୁ ସଦନରେ ନିଜର ମୌନ ବ୍ରତ ଭଙ୍ଗ କରିବାକୁ ବାଧ କରିବା ଉଦ୍ଦେଶ୍ୟରେ ଅଭିପ୍ରେତ ଓ ଶ୍ରୀଯୁକ୍ତ ମୋଦୀ ଏହି ବିଷୟବସ୍ତୁକୁ ତାଙ୍କ ବକ୍ତବ୍ୟରେ ହୁଏତ ସ୍ପର୍ଶ କରି ନପାରନ୍ତି, କିନ୍ତୁ ବିରୋଧୀମାନେ ତଥାପି ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣରେ ଉଭୟ କେନ୍ଦ୍ରରେ ଏବଂ ସମ୍ପୃକ୍ତ ରାଜ୍ୟରେ ଥିବା ସରକାରର ନେତୃତ୍ୱ ନେଉଥିବା ରାଜନୀତିକ ଦଳର କାର୍ଯ୍ୟକଳାପଗୁଡ଼ିକୁ ପ୍ରଦର୍ଶିତ କରାଇବାରେ ସକ୍ଷମ ହେବେ ଏବଂ ଏହା ବିଶେଷକରି ଆଲୋକପାତ କରିବ ମଣିପୁରର ସାମ୍ପ୍ରଦାୟିକ ଦଙ୍ଗା ଉପରେ, କାରଣ ଏହାକୁ ଆଳ କରି ହିଁ ପ୍ରସ୍ତାବଟି ଦିଆଯାଇଛି । ନିଃସନ୍ଦେହରେ ଏସବୁ ପ୍ରକରଣରେ ଶ୍ରୀଯୁକ୍ତ ଗାନ୍ଧୀ ହିଁ ସଂସଦରେ 'ଇଣ୍ଡିଆ'ର ଉଦ୍ୟମକୁ ନେତୃତ୍ୱ ପ୍ରଦାନ କରିବା ପାଇଁ ପ୍ରଥମ ପସନ୍ଦ ହେବେ । ପୁନଶ୍ଚ, ସାଧାରଣ ନିର୍ବାଚନକୁ ଆଉ ମାତ୍ର ମାସ କେତେଟା ହାତରେ ଥିବା ବେଳେ ଏଥିପାଇଁ ରାଜନୀତିକ ଦଳମାନଙ୍କ ତରବରିଆ ପ୍ରସ୍ତୁତି ଭିତରେ ଶ୍ରୀଯୁକ୍ତ ଗାନ୍ଧୀଙ୍କ ସଦସ୍ୟତା ଫେରି ପାଇବାର ରାଜନୀତିକ ମହତ୍ତ୍ୱ ଆଗାମୀ ଦିନମାନଙ୍କରେ ରାଜନୀତି କ୍ଷେତ୍ରରେ ପ୍ରତିଫଳିତ ହେବ। ବିଜେପି ଅବଶ୍ୟ ଶ୍ରୀଯୁକ୍ତ ଗାନ୍ଧୀଙ୍କ ରାଜନୀତିକ ପଥରେ କଣ୍ଟା ବିଛାଇବାକୁ ଚେଷ୍ଟା କରିବ ; ଏଥପାଇଁ ଜଣେ ସାଂସଦ ଭାବରେ ତାଙ୍କ ଉପରେ ବାଜିଥିବା ଅଦାଲତୀ ଛାଟକୁ ଏବଂ ତାଙ୍କର ସାଂସଦ ପଦ ହରାଇ ଥିବା ଘଟଣାକୁ ଲୋକମାନଙ୍କ ଆଗରେ ଉପସ୍ଥାପନ କରିବ ଏବଂ ସେ କିପରି ସରକାରର ନେତୃତ୍ୱ ନେବା ତ ଦୂରର କଥା, ନିର୍ବାଚନ ଲଢ଼ିବାକୁ ମଧ ଅଯୋଗ୍ୟ ହୋଇ ଯାଇଥିଲେ, ତାହା ଦର୍ଶାଇବ । କିନ୍ତୁ ଟ୍ୱିଟର ପ୍ରୋଫାଇଲରେ ଯେପରି ପ୍ରତିଫଳିତ ହୋଇଛି, ତାହା 'ସଂସଦର ସଦସ୍ୟ' ଭାବରେ ଜଣେ 'ଅ'ଯୋଗ୍ୟରୁ ଯୋଗ୍ୟ ହୋଇଥିବା ଶ୍ରୀଯୁକ୍ତ ଗାନ୍ଧୀଙ୍କ ପରିବର୍ତ୍ତିତ ପରିସ୍ଥିତି କିପରି ବିଜେପି ଏବଂ ଏହାର ସହଯୋଗୀମାନଙ୍କ ପାଇଁ ଆରାମରେ ବସିବାର ସୁଯୋଗକୁ ଛଡ଼ାଇ ନେଇଛି, ତାକୁ ପ୍ରତିଫଳିତ କରୁଛି । ତେଣୁ ସେମାନେ ବର୍ତ୍ତମାନ ଏକ ପୁନଃବଳ ସଂଚାର ହୋଇଥିବା ଏକ ବିରୋଧୀ ଦଳକୁ ସାମ୍ନା କରିବାକୁ ଯାଉଛନ୍ତି ଯାହା ଏନ୍‌ଡିଏ ଉପରେ ନୈତିକ ବିଜୟ ଲାଭ କରିଛି । ମୋଟାମୋଟି ରାଜନୀତିକ ପଶାପାଳିର ଖେଳ ଏଣିକି ଆହୁରି ମଜାଦାର ହେବାକୁ ଯାଉଛି ଏବଂ ଶ୍ରୀଯୁକ୍ତ ଗାନ୍ଧୀଙ୍କ ପାଇଁ ଏହି ଖେଳ ନିଜକୁ ସୁଯୋଗ୍ୟ ପ୍ରମାଣିତ କରିବାର ଏକ ସୁଅବସର କହିଲେ ଅତ୍ୟୁକ୍ତି ହେବନାହିଁ ।



## ବିକାଶ ପଥେ ଭାରତ

**ସୌମେନ୍ଦ୍ର ଜେନା**

ବିଗତ ଦିନମାନଙ୍କରେ ଭାରତର ବିକାଶ ହାର ଭଲ ରହିଆସିଛି, କେବଳ କୋରୋନା ସମୟ ଛଡା । ଗତ ଦଶନ୍ଧିର ହିସାବକୁ ଦୃଷ୍ଟିପାତ କଲେ ଏହା ସ୍ପଷ୍ଟ ଜାଣିହେବ । ଯେମିତି ଏହି ବିକାଶ ହାର ପ୍ରତିଶତରେ ୨୦୧୪-୧୫ରେ ୮.୦, ୨୦୧୫-୧୬ରେ ୮.୨,୨୦୧୬-୧୭ରେ ୭.୨, ୨୦୧୭-୧୮ରେ ୭.୧, ୨୦୧୮-୧୯ରେ ୪.୫,୨୦୧୯-୨୦ରେ ୩.୭, ୨୦୨୦-୨୧ରେ୬.୬, ୨୦୨୧-୨୨ରେ୮.୭,୨୦୨୨-୨୩ରେ ୭.୦ ରହିଥିବା ସମୟରେ ୨୦୨୨-୨୩ରେ ୬.୮ ରହିପାରେ ବୋଲି ପୂର୍ବାନୁମାନ କରାଯାଉଛି । କିନ୍ତୁ ଦୁଇଅଙ୍କ ବିଶିଷ୍ଟ ବିକାଶହାରକୁ ଛୁଇଁପାରିଲେ ବିକାଶ ପ୍ରକୃତରେ ଦ୍ରୁତତର ହୋଇପାରିବ । ଏଚ୍‌ଏସ୍‌ବିସି ହଂକଂ ସାଂଘାଇ ବ୍ୟାଙ୍କିଂ କର୍ପୋରେସନର କହିବାନୁସାରେ ବିଗତ ୨୦ବର୍ଷ ହେଲା ଚୀନ ବିଦେଶୀ ପୁଞ୍ଜିନିବେଶକାରୀଙ୍କ ପାଇଁ ନିବେଶର କେନ୍ଦ୍ର ହୋଇ ରହି ଆସିଥିଲା, ଯାହା ଆଗାମୀ ୨୦ବର୍ଷ ପାଇଁ ଭାରତ ସେହି ସ୍ଥାନରେ ରହିବ। ମୋର୍ଗାନ ଷ୍ଟାନ୍‌ଲେ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତକୁ ଗୁରୁତ୍ୱ ଦେଇ 'ଏ ଗ୍ରେଡ'ରେ ରଖିଛି । ଭାରତର ଇଣ୍ଡେକ୍ସ (୧୪.୬) ତୁଳନାରେ ନିବେଶ ସ୍ଥିତିକୁ (୨୨.୯୫) ଉଚ୍ଚରେ ରଖାଯାଇଛି । ଏ କ୍ଷେତ୍ରରେ ୬ ନମ୍ବରରୁ ଭାରତ ୧ ନମ୍ବରକୁ ଆସିଛି। କାରଣ ଗତ ଏକବର୍ଷରେ ଭାରତରେ ନିବେଶକାରୀ ୨୫ ପ୍ରତିଶତ ଲାଭ ପାଇଛନ୍ତି । ଭାରତରେ ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ବଡ ବଜାର ସୃଷ୍ଟି ହୋଇଛି । ଭାରତ ପଛକୁ ଚୀନ-ତାଇୱାନ ଥିଲାବେଳେ ଅଷ୍ଟ୍ରେଲିଆ ପୂର୍ବ ଗୁରୁତ୍ୱ ହରାଇଛି । ବିଦେଶୀ ପୁଞ୍ଜିନିବେଶ ପରେ ରୋଜଗାର, ଉତ୍ପାଦନ, ରପ୍ତାନୀରେ ବ୍ୟାପକ ବୃଦ୍ଧି ପରିଲକ୍ଷିତ ହେବ । କାରଣ ବିଦେଶୀ ନିବେଶକୁ ଲକ୍ଷ୍ୟକଲେ ଜଣାପଡିବ ଯେ ଭାରତ ବର୍ଷକୁ ଯେତେ ବିଦେଶୀ ନିବେଶ ପାଏ ଚୀନ ତାର ଦୁଇଗୁଣ ହିଁ ପାଇଥାଏ । ୨୦୨୨ରେ ବିଶ୍ୱରେ ନିବେଶର ପରିମାଣ ୧୨୮୬ ବିଲିଅନ ଡଲାର ରହିଥିଲା, ଯାହା ପୂର୍ବବର୍ଷ ତୁଳନାରେ ୨୪ ପ୍ରତିଶତ କମ୍ । କିନ୍ତୁ ଚୀନ ଏହି ସମୟରେ ୮ ପ୍ରତିଶତ ଅଧିକ ପୁଞ୍ଜି ପାଇଥିବା କଥା କହୁଥିଲାବେଳେ ବିଦେଶୀ ସଂସ୍ଥାମାନେ ଚୀନର ତଥ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । କିନ୍ତୁ ଭାରତରେ ୨୦୧୪ପରଠାରୁ ବିଦେଶୀ ପୁଞ୍ଜି ନିବେଶ କ୍ରମଶଃ ବୃଦ୍ଧି ପାଉଥିବା ଲକ୍ଷ୍ୟ କରିହେବ । ବିଲିଅନ ଡଲାରରେ ଏହି ବିଦେଶୀ ପୁଞ୍ଜିନିବେଶକୁ ହିସାବକୁ ନେଲେ ଜଣାପଡିବ ଯେ ୨୦୧୪-୧୫ରେ ୪୫.୧, ୨୦୧୫-୧୬ରେ ୫୫.୫,୨୦୧୬-୧୭ରେ ୬୦.୨, ୨୦୧୭-୧୮ରେ ୬୦.୯, ୨୦୧୮-୧୯ରେ ୬୨.୦, ୨୦୧୯-୨୦ରେ ୭୪.୩, ୨୦୨୦-୨୧ରେ ୮୧.୯, ୨୦୨୧-୨୨ରେ ୮୩.୫ ବିଲିଅନ ଡଲାରର ବିଦେଶୀ ପୁଞ୍ଜିନିବେଶ ଭାରତ ଲାଭ କରିଛି । ୨୦୨୨ରେ ଗ୍ରୀନ ଫିଲ୍‌ଡ ପ୍ରକଳ୍ପ କ୍ଷେତ୍ରରେ ଭାରତ ତୃତୀୟ ସର୍ବାଧିକ ପୁଞ୍ଜିନିବେଶ ଲାଭ କରିଛି । ୨୦୨୧ରେ ଏହି ପ୍ରକଳ୍ପ କ୍ଷେତ୍ରରେ ଭାରତ ୪୪.୭ ବିଲିଅନ ଡଲାର ଏବଂ ୨୦୨୨ରେ ୪୯.୩ ବିଲିଅନ ଡଲାର ବିଦେଶୀ ପୁଞ୍ଜି ନିବେଶ ପାଇଛି । ଜାତିସଂଘର ବାଣିଜ୍ୟ ବିକାଶ ସମ୍ମେଳନ (ୟୁଏନ୍‌ସିଟିଏଡି) ଅନୁଯାୟୀ ଏ କ୍ଷେତ୍ରରେ ଆମେରିକା ପ୍ରଥମ ଏବଂ ବ୍ରିଟେନ ଦ୍ୱିତୀୟ ସ୍ଥାନରେ ରହିଛି । ଏସିଆକୁ ଆସିଥିବା ମୋଟ ନିବେଶ ମଧ୍ୟରୁ ୮୦ ପ୍ରତିଶତ (ଗ୍ରୀନଫିଲ୍ଡ ପ୍ରକଳ୍ପ) ଭାରତ ପାଇବାକୁ ସକ୍ଷମ ହୋଇଛି । ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଚୀନ, ସିଙ୍ଗାପୁର, ହଂକଂ ଏବଂ ୟୁନାଇଟେଡ୍ ଆରବ ଏମିରେଟ ପାଇଛନ୍ତି । ଗ୍ରୀନ ଫିଲ୍ଡ ପ୍ରକଳ୍ପ କହିଲେ ନୂତନ ପ୍ରକଳ୍ପକୁ ବୁଝାଇଥାଏ, ଯାହା ସେ ଦେଶରେ ପୂର୍ବରୁ ନଥାଏ। ଉଦାହରଣ ସ୍ୱରୂପ ଫକ୍ସକନ କମ୍ପାନୀ ଭାରତରେ ଚିପ୍ ନିର୍ମାଣ ପାଇଁ ପ୍ରଥମେ ନିବେଶ କରିବ । ଏହା ପୂର୍ବରୁ ଭାରତରେ ବ୍ୟବହୃତ ଚିପ୍ ସବୁ ବିଦେଶରୁ ଆମଦାନୀ ହେଉଥିଲା । ଭାରତରେ ଆପଲ ଆଇଫୋନ ନିର୍ମାଣ ପାଇଁ ଫକ୍ସକନ ୩୩ ମିଲିଅନ ଡଲାରର ଇଲେକଟ୍ରୋନିକ ଉପକରଣ କିଣି ଭାରତରେ ଉପଯୋଗ କରିବ । କାରଣ ଏହି କମ୍ପାନୀ ଆପଲ ପାଇଁ ଆଇଫୋନ୍ ନିର୍ମାଣ କରିଥାଏ । ଭାରତରେ ଆଇଫୋନ୍ ନିର୍ମାଣ ତିନିଗୁଣ ବୃଦ୍ଧି ପାଇଥିବା ଜଣାଯାଏ । ଫକ୍ସକନ କର୍ଣ୍ଣାଟକରେ ୩୦୦ଏକର ଜମି ଅଧିଗ୍ରହଣ କରିବାକୁ ଯାଉଛି । ବେଙ୍ଗାଲୁରୁ ଆନ୍ତର୍ଜାତିକ ବିମାନବନ୍ଦର ନିକଟରେ କମ୍ପାନୀ ଆଇଫୋନ ନିର୍ମାଣ ଯୋଜନା କରୁଥିଲାବେଳେ ତୁମକୁରଠାରେ ଗେମିଂ ସଫ୍ଟୱେର ନିର୍ମାଣ ପାଇଁ ଅନ୍ୟ ଏକ କମ୍ପାନୀ ବସାଇବ । ଅନ୍ୟ ଏକ ଗ୍ରୀନ ଫିଲ୍ଡ କମ୍ପାନୀ ଆଦାନୀ ଗ୍ରୁପ ସହ ଫ୍ରାନ୍ସର ଟୋଟାଲ ଏନର୍ଜୀ କମ୍ପାନୀ ୫ ବିଲିଅନ ଡଲାର ଖର୍ଚ୍ଚରେ ଗ୍ରୀନ୍ ହାଇଡ୍ରୋଜେନରୁ ୟୁରିଆ ପ୍ରସ୍ତୁତ କରିବ । ସେମିତି ଗୁଜରାଟରେ ଆଦାନୀ ଗ୍ରୁପ ଦକ୍ଷିଣ କୋରିଆର ବଡ ଇସ୍‌ପାତ ନିର୍ମାଣକାରୀ ପୋସ୍କୋ ସହ ମିଶି ସ୍ୱତନ୍ତ୍ର ଧରଣର ଇସପାତ ନିର୍ମାଣଲାଗି ୫ ବିଲିଅନ ଡଲାର ଖର୍ଚ୍ଚ କରିବ ।

ଦେଶରେ ଅର୍ଥନୀତିର ବିକାଶର ଅନ୍ୟ ଏକ ଲକ୍ଷଣ ହେଲା ଯେ ଭାରତୀୟ କମ୍ପାନୀମାନେ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହେବା । ନିକଟରେ ଭାରତର କମ୍ପାନୀମାନେ ୪୨ ବିଲିଅନ ଡଲାର ଖର୍ଚ୍ଚରେ ବିଦେଶରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି , ଯାହା ପୂର୍ବର ନିବେଶଠାରୁ ତିନିଗୁଣ ଅଧିକ। ଯେମିତି ଭାରତର ଆକ୍‌ମେ ଗ୍ରୁପ ୧୩ ବିଲିଅନ ଡଲାର ଇଜିପ୍ଟର ଗ୍ରୀନ ଫିଲ୍‌ଡ ପ୍ରକଳ୍ପରେ ନିବେଶ କରିବ । ବାର୍ଷିକ ୨.୨ ବିଲିଅନ ଟନ୍ ଗ୍ରୀନ ହାଇଡ୍ରୋଜେନ ନିର୍ମାଣ ପାଇଁ ଇଜିପ୍ଟରେ ଆକ୍‌ମେ କାର୍ଯ୍ୟକରିବ । ସେମିତି ରି ନିଉ ପାୱାର କମ୍ପାନୀ ଇଜିପ୍ଟର ସୁଏଜ କେନାଲ ଇକୋନୋମିକ୍ ଜୋନ୍‌ରେ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ପାଇଁ କମ୍ପାନୀ ବସାଇବ । ଏହାଛଡା ଟାଟାଗ୍ରୁପ ୪୨ହଜାର ୫୦୦ କୋଟି ଟଙ୍କା (୪ ବିଲିଅନ ପାଉଣ୍ଡ) ବ୍ରିଟେନରେ ଇଲେକ୍‌ଟ୍ରିକ୍‌ଯାନର ବ୍ୟାଟେରୀ ନିର୍ମାଣ ପାଇଁ ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି । ସମରସେଟ୍‌ଠାରେ ଏହି ବଡ କମ୍ପାନୀ ପ୍ରତିଷ୍ଠା କରାଯିବ । ଏହା ହେଲେ ଟାଟାର ଏହି ପ୍ରକଳ୍ପ ୟୁରୋପର ଏକ ବଡ ବ୍ୟାଟେରୀ ସେଲ୍ କମ୍ପାନୀ ହେବ । ୧୯୮୦ରେ ୟୁରୋପର ନିଶାନ୍‌ର ଯାନବାହନ ନିର୍ମାଣ ପାଇଁ ନିବେଶ ପରେ ଟାଟାର ଏହି ନିବେଶ ଦ୍ୱିତୀୟ ବଡ ନିବେଶ ହେବ ବୋଲି କୁହାଯାଉଛି ।

କୋରୋନା ପରବର୍ତ୍ତୀ ସମୟରେ ଭାରତରେ ବିଦେଶୀ ପୁଞ୍ଜିନିବେଶ (ମାର୍ଚ୍ଚ ୨୦୨୦-୨୨) ୨୩ ପ୍ରତିଶତ ବୃଦ୍ଧି ପାଇଥିବା ଦେଖାଯିବ । ୨୦୧୮-୨୦ରେ ଏହି ପରିମାଣ ୧୪୧.୧୦ ବିଲିଅନ ଡଲାର ଥିଲାବେଳେ ୨୦୨୦-୨୧ରେ ତାହା ୧୭୧.୮୪ ବିଲିଅନ ଡଲାରକୁ ଛୁଇଁଛି। ସିଆଇଆଇ-ଇକ୍ୱାଇର ରିପୋର୍ଟ ଅନୁଯାୟୀ ଆଗାମୀ ୫ ବର୍ଷରେ ଭାରତ ୪୭୫ ବିଲିଅନ ଡଲାର ବିଦେଶୀ ପୁଞ୍ଜିନିବେଶ ଲାଭ କରିପାରେ । ସେମିତି ଏସ୍‌ଏଣ୍ଡପି ଗ୍ଲୋବାଲ ରେଟିଂର ମତ ଅନୁସାରେ ଆଗାମୀ ୩ବର୍ଷ ପାଇଁ ଭାରତ ପୃଥିବୀର ସର୍ବାଧିକ ବିକାଶଶୀଳ ଅର୍ଥନୀତି ରହିବ । ଆଗାମୀ ୭ବର୍ଷରେ ଭାରତର ମୁଣ୍ଡପିଛା ଆୟ ୨୩୦୦ଡଲାରରୁ ବୃଦ୍ଧିପାଇ ୫୦୦୦ହେବ ବୋଲି କୁହାଯାଉଛି । ଭାରତରେ ନିର୍ମାଣ କ୍ଷେତ୍ର ବୃଦ୍ଧିଦର ଆଶଜନକ ରହିବ ବୋଲି ଆଶା କରାଯାଉଛି । କାରଣ ୨୦୧୯-୨୦ରେ ଯାହା ୧୨.୦୯ ବିଲିଅନ ଡଲାର ଥିଲା ତାହା ୨୦୨୧-୨୨ବେଳକୁ ୨୨.୩୦ ବିଲିଅନ ଡଲାରରେ ପହଞ୍ଚିଛି । ଏହି ବୃଦ୍ଧିହାର ୭୬ ପ୍ରତିଶତ । ଭାରତରେ ମୋଟ ଜନସଂଖ୍ୟାର ଅଧିକ ଯୁବଶକ୍ତି, ଦେଶର ଡିଜିଟାଲଯୁକ୍ତ ଜନଶକ୍ତି, ଆର୍ଥିକ ଦୃଷ୍ଟିରୁ ଉତ୍ପାଦନକ୍ଷମ ଶ୍ରମଶକ୍ତି ରହିଥିବା ହେତୁ ଦେଶରେ ମଧ୍ୟବିତ୍ତ ବର୍ଗଙ୍କ ରୋଜଗାର ଏବଂ ଆଶାର ବୃଦ୍ଧିଯୋଗୁ ଟେକ୍‌ନୋଲୋଜୀର ବିକାଶ ବ୍ୟାପକ ହେଉଛି । ୨୦୩୦ ବେଳକୁ ଏହି କାରଣରୁ ଅନ୍‌ଲାଇନ ଗ୍ରାହକଙ୍କ ସଂଖ୍ୟା ୫୦କୋଟିରେ ପହଞ୍ଚିବ ବୋଲି କୁହାଯାଉଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ନିଶା ସମାଜକୁ କରିବ ନାଶ !

**ସୌଭାଗ୍ୟ ରଂଜନ ମହାନ୍ତି**

ଜବତ ଗଂଜେଇ ପୋଲିସ ଗାଡିରେ ଚୋରା ଚାଲାଣ ହେଉଥିବା ଅଭିଯୋଗରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଥାନାରେ ସ୍ଥାନୀୟ ଲୋକମାନେ ଲଙ୍କାକାଣ୍ଡ ସୃଷ୍ଟି କରିବା ସହ ବ୍ୟାପକ ଭଙ୍ଗାରୁଜା କରିବା ଘଟଣା ସେମାନଙ୍କ ଦୀର୍ଘଦିନର ପୁଞ୍ଜିଭୂତ ଅସନ୍ତୋଷ ପ୍ରତିଫଳନ ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ରାଜ୍ୟର ସବୁଠାରୁ ଦୁର୍ଗମ୍ୟ ଏବଂ ବିସ୍ତୃତ ଜଙ୍ଗଲ ଭରା ଜିଲ୍ଲା ଭାବେ ପରିଣତ କନ୍ଧମାଳରେ ହଜାର ହଜାର ହେକ୍ଟର ଜଙ୍ଗଲ ଜମିରେ ଚୋରାରେ ଗଂଜେଇ ଚାଷ ଏବେ ସ୍ଥାନୀୟ ଲୋକଙ୍କର ଏକ ଜୀବିକାରେ ପରିଣତ ହୋଇଛି। ଏକ ରିପୋର୍ଟରୁ ଜଣାଯାଇଛି ଚୋରା ଗଂଜେଇ ଚାଷରେ କନ୍ଧମାଳ ଜିଲ୍ଲାର ଜଙ୍ଗଲ ଭୂସ୍ୱର୍ଗ ପାଲଟିଛି। କେବଳ ଏତିକି ଦେଶର ବିଭିନ୍ନ ଜଙ୍ଗଲରୁ ଚୋରାରେ ଯେତିକି ଗଂଜେଇ ଉତ୍ପାଦିତ ହୋଇଥାଏ, କେବଳ କନ୍ଧମାଳ ଜିଲ୍ଲାରେ ତା'ଠାରୁ ଢେର ଅଧିକ ଉତ୍ପାଦିତ ହୋଇଥାଏ। ଗଂଜେଇ ଏକ ନିଶାଦ୍ରବ୍ୟ ହୋଇଥିବାରୁ ବିଭିନ୍ନ ସମୟରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ଏକର ଏକର ଜଙ୍ଗଲ ଜମିରେ ଗଂଜେଇ ଗଛ ନଷ୍ଟ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଗଂଜେଇ ଚାଷର ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଅଭିଯୋଗରେ ପୋଲିସ ମଧ ସେମାନଙ୍କୁ ଗିରଫ କରିବା, ଜେଲକୁ ପଠାଇବା, ଥାନାକୁ ଡକାଇ ନିର୍ଯ୍ୟାତନା ଦେବା ଆଦି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ। ସେହିପରି ଗଂଜେଇ ଚାଷ ନୁହେଁ, ଚୋରା ଚାଲାଣ କ୍ଷେତ୍ରରେ କନ୍ଧମାଳ ଜିଲ୍ଲାରେ ସର୍ବାଗ୍ରେ ରହିଛି। ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ଦେଶର ବିଭିନ୍ନ ଅଂଚଳରୁ ଯେତିକି ଚୋର ଚାଲାଣ ବେଳେ ଗଂଜେଇ ଜବତ ହୋଇଥାଏ, ତାହାର ଦ୍ୱିଗୁଣରୁ ଅଧିକ ଗଂଜେଇ କେବଳ ଓଡିଶାରୁ ହିଁ ଜବତ ହୋଇଥାଏ। ରାଜ୍ୟରେ ଚୋରା ଗଂଜେଇ ଏବଂ ବ୍ରାଉନ ସୁଗାର ଜବତ ଘଟଣା ଏବେ ଦୈନିକ ଗଣମାଧ୍ୟମର ଶିରୋନାମା ପାଲଟିଛି। ଆମ ରାଜ୍ୟରେ ଚଳିତ ବର୍ଷ ୧୧୩ କ୍ୱିଟାଲ ଗଂଜେଇ ଏବଂ ୧୦୯ କେଜି ବ୍ରାଉନ ସୁଗାର ପୋଲିସ ଜବତ କରିଛି। ଗତ ପାଂଚ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ରାଜ୍ୟରେ ୬୭୧୪ କ୍ୱିଂଟାଲ ଗଂଜେଇ ଏବଂ ୧୭୬ କେଜି ବ୍ରାଉନସୁଗାର ଜବତ କରିଥିବାବେଳେ ୧,୦୧,୫୭୮ ଏକର ଜମିରେ ଚାଷ ହୋଇଥିବା ଗଂଜେଇ ଗଛ ନଷ୍ଟ କରିଛନ୍ତି। ସେହିପରି ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ ଅପରେସନ ସମୁଦ୍ରଗୁପ୍ତ ଅଭିଯାନରେ ବର୍ଷକ ମଧ୍ୟରେ ୪୦ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ କରିଛି। ନିକଟରେ ମୁମ୍ବାଇ ସମୁଦ୍ରରୁ ହଜାର ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ ହେବା ଘଟଣା ଘୋର ଚାଂଚଲ୍ୟ ସୃଷ୍ଟି କରିଛନ୍ତି। ବିଶ୍ୱର ବିକାଶଶୀଳ ଓ ବିକାଶମୁଖୀ ରାଷ୍ଟ୍ରଗୁଡିକ ଡ୍ରଗସ୍ ଚୋରାଚାଲାଣ ରୋକିବାକୁ ଫାଶୀ ଦଣ୍ଡ ପରି କଠୋର ଦଣ୍ଡବ୍ୟବସ୍ଥା କରିଥିଲେ ମଧ ଏହା କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଚଳିତ ବର୍ଷ ସିଙ୍ଗାପୁରରେ ଚୋରା ଡ୍ରଗ୍ସ ଚାଲାଣ କରୁଥିବା ଅଭିଯୋଗ ୫ଜଣଙ୍କୁ ଫାଶୀଦଣ୍ଡରେ ଦିଆଯାଇଛି। ମାତ୍ର ନିଶା ଓ ମାଦକ ଦ୍ରବ୍ୟ ରୋକିବାରେ ଏହା ସହାୟକ ହୋଇପାରିନାହିଁ। ଅନ୍ୟପକ୍ଷରେ ଏବେ ବିଶ୍ୱରେ ସକ୍ରୀୟ ଥିବା ଆତଙ୍କବାଦୀ ସଂଗଠନଗୁଡିକ ଚୋରା ଡ୍ରଗସ୍ କାରବାର ଆୟ ତଥା ପାଣ୍ଠି ସଂଗ୍ରହର ମୁଖ୍ୟ ଉତ୍ସ ପାଲଟିଛି। ଏହି କାରବାର ପଛରେ ବଡ ବଡ ମାଫିଆ ମାନଙ୍କର ବି ହାତ ରହିଛି। ଯାହାକୁ ଧରିବାରେ ଇଂଟରପୋଲ ମଧ କେତେକାଂଶରେ ସଫଳ ହୋଇପାରିନାହିଁ। ଏହା ସତ୍ୟ ଯେ, ନିଶା ଓ ମାଦକ ଦ୍ରବ୍ୟ କାରବାର ରୋକିବା ପାଇଁ ଆମ ଦେଶରେ ମଧ କଠୋର ଆଇନ ବ୍ୟବସ୍ଥା ରହିଛି। ମାତ୍ର ଯାହା ଜଣାଯାଇଛି ଗଂଜେଇ, ବ୍ରାଉନ ସୁଗାର ପରି ନିଶା ଓ ମାଦକ ଦ୍ରବ୍ୟ ଚୋରା ଚାଲାଣ ବଢୁଛି ସିନା କମୁ ନାହିଁ। ସରକାର ନିଶା ବିରୋଧି ଆଇନ ବଳରେ ଗୋଟିଏ ଦିନରେ ୩ଟନ ଓଜନର ମାଦକ ଦ୍ରବ୍ୟକୁ ପୋଡି ନଷ୍ଟକରିଦେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୯୭୯ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ଆମ ରାଜ୍ୟରେ ମଧ ନିକଟରେ ପୋଲିସ କୋଟି କୋଟି ଟଙ୍କାର ଜବତ ଗଂଜେଇ ଓ ବ୍ରାଉନ ସୁଗାର ପୋଡି ନଷ୍ଟ କରିଦେଇଥିଲା। ନିକଟରେ ରାଜଧାନୀ ଭୁବନେଶ୍ୱରରେ ଏକ ପାନ ଦୋକାନରୁ ୫୦୦୦ ଗଂଜେଇ ଭର୍ତ୍ତୀ ସିଗାରେଟ ସହ ୧୭କେଜି ଗଂଜେଇ ଜବତ ହୋଇଥିଲା। ଏଥିରୁ ରାଜଧାନୀରେ ଚୋରା ଗଂଜେଇ କାରବାର କିପରି ଚାଲିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ସେହିପରି ନିଷିଦ୍ଧ ବ୍ରାଉନସୁଗାର ଜବତ ଘଟଣା ମଧ ପ୍ରତିଦିନ ଗଣମାଧ୍ୟମରେ ଶିରୋନାମା ପାଲଟିଛି। କେବଳ ଗଂଜେଇ, ବ୍ରାଉନ ସୁଗାର ନୁହେଁ, ଚୋରାରେ ମଦ ବେପାର ଏବେ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବ୍ୟାପିଗଲାଣି। ଅବଶ୍ୟ ସରକାର ମଦକୁ ରାଜସ୍ୱ ଆୟର ମୁଖ୍ୟ ଉତ୍ସ ଭାବେ ଗ୍ରହଣ କରି ନୂଆ ନୂଆ ଦୋକାନକୁ ଅନୁମତି ଦେବାରେ ଲାଗିଛନ୍ତି। ମଦଦୋକାନ ଆଗରେ ସନ୍ଧ୍ୟା ସମୟରେ ଯେପରି ଭିଡ ଲାଗି ରହୁଛି, ତାହା କୌଣସି ଘରୋଇ ଉତ୍ସବ ସମାବେଶରୁ କମ୍ ନୁହେଁ କରୋନା ସମୟରେ ଲକଡାଉନ ବେଳେ ଦିଲ୍ଲୀରେ ମଦଦୋକାନ ଆଗରେ ଯେପରି ଲମ୍ବା ଧାଡି ସୃଷ୍ଟି ହୋଇଥିଲା। ଏଥିରୁ ମଦ ପ୍ରତି ଲୋକଙ୍କ ଆସକ୍ତି କେତେ ତାହା ଅନୁମାନ କରାଯାଇପାରେ। ଆମ ଦେଶରେ ନିଶା ସେବନ ଯୋଗୁଁ ବାର୍ଷିକ ୧ଲକ୍ଷ ୪୦ହଜାର ଲୋକଙ୍କ ଜୀବନ ଯାଉଛି। କେବଳ ମୃତ୍ୟୁ ମୁଖରେ ପଡୁନାହାଁନ୍ତି। ବିଭିନ୍ନ ମାରାତ୍ମକ ରୋଗ ତଥା କ୍ୟାନସର, ସିରୋସିସ୍ (ଜଳୋଦରି) ଆଦି ରୋଗରେ ଆକ୍ରାନ୍ତ ହୋଇ ସର୍ବସ୍ୱାନ୍ତ ହୋଇ ଶେଷରେ ମୃତ୍ୟୁବରଣ କରୁଛନ୍ତି। ଆମ ପୁରାଣ ଶାସ୍ତ୍ର କହେ ଦ୍ୱାପର ଯୁଗରେ ସୋମରସ(ମଦ) ପାନ କରି ଯଦୁବଂଶ ନାଶ ହୋଇଥିଲା। ଏବେ ନିଶା ନାଶର କାରଣ ହେବ, ଏହାକୁ ଅସ୍ୱୀକାର କରାଯାଇନପାରେ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯







## ନାରୀ ଦୁଇ କୂଳକୁ ହିତା

**ସୁଦେଷ୍ଣା ସ୍ୱାଇଁ**

ନାରୀ ଟିଏ ମୁଁ
ଜନ୍ମ ଗାଁ ଏନ୍ତୁଡ଼ିଶାଳ ବାପଘର
କର୍ମ ମୋର ଶାଶୁଘର
ସେଥି ପାଇଁ ତ କୁହନ୍ତି ସମସ୍ତେ
ନାରୀ ଟିଏ ଦୁଇ କୂଳକୁ ହୀତାଟିଏ
ବାପଘରେ ଅଲିଅଳିରେ ବଢ଼ିଛି
ବାପାଙ୍କର ଗଳାର ମାଳି ସାଜିଛି
ମାଆର ହୃଦୟର ରାଣୀ ସାଜିଛି
ସାନ ଭଉଣୀର ରକ୍ଷା କବଚ ସାଜିଛି
ବଡ ଭାଇଟିର
ଗେହ୍ଲା ଭଉଣିଟିଏ ସାଜିଛି
ସ୍ନେହ ପ୍ରେମର କେବେ ଊଣା
ଅନୁଭବ ନ କରିଛି
ବାହାହୋଇ ଯେବେ ଶାଶୁ ଘରକୁ ଗଲି
ବାପଘର ସୁଖକୁ ଜଳାଞ୍ଜଳି ଦେଲି
କର୍ତ୍ତବ୍ୟର ଭାରକୁ ମୁଣ୍ଡରେ ଲଦିଲି
ସଭୀଙ୍କ ଖୁସିରେ ନିଜକୁ ଖୁସି ରଖିଲି
ପରକୁ ଏଠି ଆପଣାର କଲି
ପିତା ମାତାଙ୍କ ଜାଗା
ଶାଶୁ ଶଶୁରଙ୍କୁ ଦେଲି
ସ୍ୱାମୀଙ୍କୁ ମୋର ଇହ ପରକାଳ
ଦେବତା ମାନିଲି
ତାଙ୍କ ଖୁସିରେ ମୁଁ ନିଜକୁ ଖୁସି ରଖିଲି
ଦିଅରଙ୍କୁ ମୋର ସାନଭାଇର
ଜାଗା ଦେଲି
ନଣନ୍ଦଙ୍କୁ ସାନ ଭଉଣୀ ସମ
ସ୍ନେହ ଦେଲି
ସଭିଙ୍କୁ ଖୁସି ରଖିବାର
ଶିକ୍ଷା ଏଠୁ ସିଖିଲି
ମନେ ରଖିଥିବ ଗୋଟିଏ କଥା
ନାରୀର ଜନମ ଦୁଇ କୂଳକୁ ହିତା
ବାପଘର ସୁଖକୁ ସବୁ ଭୁଲିବ
ଶାଶୁଘର ଚଳନିକୁ ନେଇ
ଆଗେଇ ଚାଲିବ
ଶାଶୁଘରର ଦୋଷ ତ୍ରୁଟିକୁ
ମାଆ ଆଗେ କେବେ
ବଖାଣି ନ ବସିବ
ସବୁ ଦୋଷ ତ୍ରୁଟିର ସମାଧାନର ବାଟ
ନିଜେ ଖୋଜିବାକୁ ଚେଷ୍ଟା କରିବ
ସବୁ କିଛିକୁ ସହ୍ୟ କରିବ
ଗୁରୁଜନଙ୍କ ଆଗରେ
ମୁଖ ନ ଖୋଲିବ
ଜହର ପରି ସବୁ କିଛିକୁ ପାନ କରିବ
ଦୁଇ କୁଳର ଆଲୋକକୁ
ପ୍ରଜ୍ୱଳିତ କରି ରଖିବ ।


+ଜିଲ୍ଲା - ଖୋର୍ଦ୍ଧା
ପିନ୍ -୭୫୨୦୫୦


## ପ୍ରେମ

**କବିତା ପଣ୍ଡା**



କବିତା ମୋ ପ୍ରାଣ
କବିତା ମୋ ଜୀବନ
କବିତା ମୋ ହସ ଦୋଳି।

ତାହାରି ଭିତରେ
ମୋହରି ସପନ
ରହିଛି ଅମାପ ଭରି।

ପ୍ରେମିକା ଭାବିକେ
ମନ ଦେଲା ବେଳେ
ମୁଁ ଭାବେ ସେ ମୋ ପ୍ରେମ ।

ଆପଣା ଠୋ ବେଶୀ
ଭଲ ପାଉଥାଏ
ଜଣାଇ ଅଭିନନ୍ଦନ ।

ଚୁପି ଚୁପି କେତେ
ନିରବରେ ଗଲେ
ରାତ୍ରିର ଅନ୍ଧାରରେ।

ଅମାନିଆ ହୋଇ
ଖୋଜି ବୁଲୁ ଥାଏ
କଳ୍ପନାର ସହରରେ।

ସେ ମୋ ବିଶ୍ୱାସ
ସେ ମୋ ନିଶ୍ୱାସ
ସେ ମୋ ପ୍ରାଣ ସ୍ପନ୍ଦନ।

ରୂପ ରସ ଛନ୍ଦ
ଦେଇ ରଚୁଥିବି
କେତେ ଏ ସାରା ଜୀବନ।

ଦେଖୁ ଥିବି ସଦା
ଆଖି ଆଇନାରେ
ଗାଇ ପ୍ରେମର ଜଣାଣ ।


+ମଙ୍ଗଳପୁର, ସୋର, ବାଲେଶ୍ୱର
ମୋ: ୭୭୩୫୭୭୬୩୪୨


## ମଣିଷ ପଣିଆ ଗରଜରେ...

**ଡାଃ ମନୋରଞ୍ଜନ ଦାଶ**



ମଧୁର ସଂପର୍କ ଓ ସରଳମନକୁ କ୍ଷତାକ୍ତ
କରିଦିଏ କୃତଘ୍ନପଣଟିଏ ।
କୃତଘ୍ନପଣ ଏମିତି ଏକ ପିଶାଚ ପ୍ରବୃତ୍ତି,
ତା ସ୍ୱାର୍ଥପରର ଗୁଣରେ ଜୀବନଟିଏ।
କୃତଘ୍ନପଣ ତ ଭରପୂର ଛଳନାର ସତ୍ତା।
ଅନ୍ୟର ତ୍ୟାଗ ଓ ତିତିକ୍ଷାକୁ
ସମ୍ମାନ ଜଣେଇବା ନୁହେଁ କ'ଣ ମଣିଷପଣିଆ ?
ମଣିଷପଣିଆ ହରେଇଲେ
ଜୀବନଟା ମୂଲ୍ୟହୀନ ।
ସେଇଠି କ'ଣ ଶାନ୍ତି ମିଳିଥାଏ କି ସୁଜନେ !
ସେଇ ମଣିଷପଣିଆ ବିହୀନ
ଅଗଣାରେ ନକାରାତ୍ମକ ନିଃଶ୍ୱାସ -ପ୍ରଶ୍ୱାସ
ଚଳପ୍ରଚଳ ସର୍ବଦା ।
ସେଇଠୁଁ ଯେତେ ଦୂରେଇ ରହି
ପଦ୍ମପତ୍ରରେ ଢଳ ଢଳ ଜଳ ଭଳି
ଜୀବନ ଜୀଇଁବାଟା କଠିନ ହେଲେବି
ମଧୁମୟ କାଳକାଳ ।


+ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ
ଜି: କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨

# ଏକ ସ୍ୱର୍ଣ୍ଣିମ ରାଜ୍ୟକୁ ଯାତ୍ରା



**ଅନୀତା ପଟ୍ଟନାୟକ**



ଦିନେ କଲେଜ ତରଫରୁ ଗୋଟିଏ ଭଲ ସ୍ଥାନକୁ ବୁଲିଯିବାକୁ ଅଧ୍ୟକ୍ଷ ପ୍ରସ୍ତାବ ଦେଲେ। ଶିକ୍ଷକମାନେ ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କ ସହିତ ମିଶି ଗୋଟିଏ ସର୍ବମତ ସଂପନ୍ନ ସ୍ଥାନ ସ୍ଥିର କରିବାକୁ କହିଲେ। ସତ୍ୟରୂପା କହିଲା ଆମ ଦେଶ ବହୁ ମୁନୀ, ଋଷୀ, ରାଜା, ବିଦ୍ୱାନଙ୍କ ଦ୍ୱାରା ପବିତ୍ରୀକୃତ ହୋଇଛି। ସେମାନେ ଆମ ସଂସ୍କୃତିକୁ ସମୃଦ୍ଧି କରିଛନ୍ତି। ଲୋକମାନଙ୍କ ମନରେ ଆନନ୍ଦ ଓ ଶାନ୍ତି ଆଣି ଦେଇଛନ୍ତି। ତେଣୁ ଆମେ ଏପରି ଏକ ଜାଗାକୁ ଯିବା ଯେଉଁଠାରେ ଲୋକମାନେ ଏ ମହାନ ବ୍ୟକ୍ତିଙ୍କର ସ୍ମୃତି ଦିବସ ଓ ଉପଦେଶକୁ ମନେପକାଇ ଅଭ୍ୟାସରେ ପରିଣତ କରୁଥିବେ ଏବଂ ସେ ବ୍ୟକ୍ତିତ୍ୱ ଆମ ମାନଙ୍କ ପ୍ରେରଣାର ଉତ୍ସ ହୋଇଥିବ।

ଉଭୟ ଭାରତୀ କହିଲା ଶଙ୍କରାଚାର୍ଯ୍ୟ ଆଶ୍ରମ ସବୁ ବୁଲି ଦେଖିବା। ଯଥା ଶୃଙ୍ଗେରୀ, ପୁରୀ, ବଦ୍ରିନାଥ ଇତ୍ୟାଦି ଇଦ୍ୟାଦି। ସେ ଉପନିଷଦ, ବ୍ରହ୍ମସୂତ୍ର ଓ ଭଗବତ ଗୀତାର ଟୀକା ରଚନା କରିଛନ୍ତି ଓ ପଦଯାତ୍ରା କରିଥିଲେ। ପ୍ରସିଦ୍ଧ ସ୍ଥାନ ଦର୍ଶନ କରିଥିଲେ। ଅଦ୍ୱୈତବାଦ ପ୍ରତିଷ୍ଠା କରିଥିଲେ। ଅହଂ ବ୍ରହ୍ମସ୍ମି, ତତ୍ୱମସି ମହାକାବ୍ୟର ସତ୍ୟକୁ ଅଭିବ୍ୟକ୍ତ କରିଥିଲେ। ସର୍ବବ୍ୟାପୀ ବିଶ୍ୱ ଚେତନା, ଅଣାକାର, ଅନାମ ନିର୍ଗୁଣ ବ୍ରହ୍ମ ସମ୍ବନ୍ଧରେ ବୁଝାଇଥିଲେ। ଅପର୍ଣ୍ଣା କହିଲା ମଣିଷ ପ୍ରାକୃତିକ ବିଭବକୁ ଉପକରଣ ରୂପେ ପ୍ରୟୋଗ କରି ଉପାସନା ମାଧ୍ୟମରେ ଭଗବାନଙ୍କୁ ଉପଲବ୍ଧି କରିପାରିବ। ଆମେ ଏପରି ଜାଗାକୁ ଯିବା ଯେଉଁଠାରେ ମନୁଷ୍ୟ ପ୍ରକୃତି ଓ ଈଶ୍ୱର ଅଦ୍ୱୈତ ବୋଲି ପ୍ରମାଣିତ ହେଉଥିବ। ତେଣୁ ବୃନ୍ଦାବନ ବୁଲିଗଲେ ଭଲ ହୁଅନ୍ତା। ପ୍ରିୟମ୍ବଦା ଆମେ ଆନନ୍ଦତୀର୍ଥରେ ଯିବା। ମନୁଷ୍ୟ ଭଗବାନ ନୁହେଁ କିମ୍ବା ଦିବ୍ୟ ନୁହଁ। ଆମର ସର୍ବୋଚ୍ଚ ଲକ୍ଷ୍ୟ ରାଧାକୃଷ୍ଣଙ୍କୁ ଭକ୍ତି କରିବା। ସେବା ପାଇଁ ଅଭିଳାଷା କରିବା ପ୍ରଭୁଙ୍କ ରୂପ ଓ ସୌନ୍ଦର୍ଯ୍ୟକୁ ଦେଖିବା ଓ ଆଖିରେ ଭରି ଦେବା ପାଇଁ ପ୍ରୟାସ କରିବା। ମୁଁ ମିଶ୍ରି ଖଣ୍ଡ ହେବାକୁ ଚାହେଁ ନାହିଁ। ବରଂ ଛୋଟିଆ ମିଶ୍ରି ଗୁଣ୍ଡର ମଧୁରଷ ଆସ୍ୱଦନ କରୁଥିବା ପିମ୍ପୁଡ଼ି ପରି ହେବାକୁ ଚାହେଁ, ତେଣୁ ଚୈତନ୍ୟଙ୍କର ସ୍ଥାନ ନଦୀୟା ନବଦ୍ୱିପ ବୁଲିଗଲେ ଭଲ ହେବ।

ଏଥର ମୋର ପାଳି ପଡ଼ିଲା ମୁଁ କହିଲି ଭଗବାନ ନଡ଼ିଆ ଶସ, ମଣିଷ ଷଢ଼େଇ ଓ ପ୍ରକୃତି କତା ପରି। ସେମାନେ ଦେହର ଅଙ୍ଗପ୍ରତ୍ୟଙ୍ଗରେ ନିଜ ନିଜର ବିଶେଷ ଲକ୍ଷଣ ସହିତ ପରସ୍ପର ନିବିଡ଼ ଭାବେ ସଂପୃକ୍ତ। ତେଣୁ ପଇଡ଼ରେ ମନୁଷ୍ୟ, ପ୍ରକୃତି ଓ ଈଶ୍ୱରଙ୍କ ସତ୍ତା ସମ୍ମିଳିତ ହେବାପରି ମନେହୁଏ। ଭକ୍ତି ଓ ଉତ୍ସର୍ଗ ଏକ ରାଜପଥ। ମୌସୁମୀ ବର୍ଷା ଦ୍ୱାରା ବିଧୌତ ଜଙ୍ଗଲ ଢ଼ାଲଭୂମି, ବେଳାଭୂମି ଉଜ୍ଜ୍ୱଳ ଓ ଚକ ଚକ ଭୂମି ଉପରେ ସୁନେଲି ମୁକୁଳର ଗାଲିଚା ଏପରି ଏକ ସ୍ଥାନ ସମସ୍ତଙ୍କୁ ଭଲ ଲାଗେ ଆମେ ଏପରି ଏକ ଜାଗାକୁ ଯିବା ଯେଉଁଠାରେ ଗ୍ରାମାଞ୍ଚଳର ପୂଜାର ବାତାବରଣ ଦୀପ୍ତିମନ୍ତ ଥିବ। ଆଶା, ଅଭିଳାଷା, କୃତଜ୍ଞତା ପଛରେ ବିସ୍ମୟକର କାହାଣୀ ଥିବ। ଏପରି ଏକ ଶ୍ରାବଣ ମାସରେ ସେ ରାଜ୍ୟ ଉତ୍ସବମୁଖର ହୋଇଥିବ। ଆଉ ଏକ କଥା। ବନ୍ଧୁ, ଶୁଭାକାଂକ୍ଷୀ, ଆତ୍ମୀୟ ଆମକୁ କୌଣସି ଉପହାର ଦେଲେ ଆମେ ତାକୁ ଖୁସିରେ ଗ୍ରହଣ କରୁ। ଉପହାର ବସ୍ତୁ ଆମକୁ ଭଲ ନଲାଗିଲେ ବି ଆମର ସ୍ୱୀକୃତି ସେମାନଙ୍କୁ ଆନନ୍ଦ ଦିଏ। ଉପହାରଟି ଭଲ ଲାଗିଲେ ହାର୍ଦ୍ଦିକ ପ୍ରତିକ୍ରିୟା ପ୍ରକାଶ କରୁ, ଆନନ୍ଦିତ ହେଉ। ଶିକ୍ଷକ କହି ଉଠିଲେ ଠିକ କହିଛ। ଈଶ୍ୱରବି ମଣିଷର ଉପହାର ପ୍ରତି ସେହିପରି ପ୍ରତିକ୍ରିୟା ପ୍ରକଟ କରନ୍ତି। ଉପହାର ଅସୁନ୍ଦର ହୋଇଥିଲେ ମଧ୍ୟ ସାଧକର ଅଭିଳାଷକୁ ସନ୍ତୁଷ୍ଟ କରିବା ପାଇଁ ସେ ତାକୁ ଗ୍ରହଣ କରିଥାନ୍ତି। ଉପହାର ବିଶୁଦ୍ଧ ଓ ଆନ୍ତରିକତାପୂର୍ଣ୍ଣ ହେଲେ ସେ ତାକୁ ସ୍ୱାଗତ କରନ୍ତି ଓ ତାହା ଆନନ୍ଦ ଓ ଅସୀମ କୃପାରେ ବଦଳିଯାଏ। ତେଣୁ କେଉଁ ଉପହାର ଦେବ। ଯାଦ୍ୱାରା କୃପା ମିଳିବ ସେ ବିଷୟରେ ଜାଣିବା ଦରକାର। ସମସ୍ତେ କହି ଉଠିଲେ କୁହ ସେପରି ସ୍ଥାନ କେଉଁଠି। ମୁଁ କହିଲି କେରଳ, ଯାହା ରାଜା ବଳୀଙ୍କର ସ୍ୱର୍ଣ୍ଣିମ ସାମ୍ରାଜ୍ୟ। ହିରଣ୍ୟକଶିପୁ ଥିଲେ ପିତା ପୁତ୍ର ଥିଲେ ପ୍ରହଲ୍ଲାଦ। ପିତାଙ୍କ ପାଇଁ ଈଶ୍ୱର କେଉଁଠାରେ ନଥିବାବେଳେ ପୁତ୍ର ପାଇଁ ସବୁଠାରେ ଥିଲେ। ପ୍ରହଲ୍ଲାଦଙ୍କ ପୁତ୍ର ଥିଲେ ବିରୋଚନ। ବିରୋଚନଙ୍କ ପୁତ୍ର ଓ ପ୍ରହଲ୍ଲାଦଙ୍କ ନାତି ଥିଲେ ବଳୀ। ପ୍ରହଲ୍ଲାଦଙ୍କ ନାତି ଭାବେ ସେ ଈଶ୍ୱରଙ୍କ ଗୁଣଗାନ କରୁଥିଲେ। ପ୍ରଜାବତ୍ସଳ ଥିଲେ। ରାଜ୍ୟରେ ରୋଗ ଓ ଦାରିଦ୍ର୍ୟର ଚିହ୍ନ ବର୍ଣ୍ଣ ନଥିଲା। ପ୍ରତ୍ୟକ ଘରରେ ଆନନ୍ଦ ଓ ପ୍ରତ୍ୟେକ ଦିବସ ମହୋତ୍ସବର ଦିବସ ହେଉଥିଲା। ସେ ବିଶ୍ୱଜିତ ଯଜ୍ଞ ଅନୁଷ୍ଠାନ କରି ଦେବତା ମାନଙ୍କର ଆଶୀର୍ବାଦ ସହିତ ସୁଶାସନ ଚାହୁଁଥିଲେ। କୃପା ପ୍ରଦାନ କରିବା ପାଇଁ ପ୍ରଭୁ ଏହି ଅବସରରେ ସଦୁପଯୋଗ କରିଥିଲେ। ବାମନ ରୂପରେ ବଟୁ ବେଶରେ ଯଜ୍ଞବେଦୀ ନିକଟରେ ପହଞ୍ଚିବା କ୍ଷଣି ବଳି ଆଦରର ସହ ସ୍ୱାଗତ କରିଥିଲେ। ଦାନରେ ପ୍ରଭୁ ତିନିପାଦ ଭୂମି ମାଗିଥିଲେ। ଗୁରୁ ଶୁକ୍ରାଚାର୍ଯ୍ୟ ବଳୀକୁ ସତର୍କ କରାଇଥିଲେ ମଧ୍ୟ ସେ ତିନିପାଦ ଭୂମି ବାମନଙ୍କୁ ଦେବେ ବୋଲି କହିଥିଲେ। ବଳୀଙ୍କୁ ଆଶୀର୍ବାଦ କରିବା ପାଇଁ ସେ ଗୋଟିଏ ପାଦ ପୃଥିବୀ ଓ ଗୋଟିଏ ପାଦ ଆକାଶ ଓ ଗୋଟିଏ ପାଦ ତାଙ୍କ ମୁଣ୍ଡ ଉପରେ ରଖି ବଳୀଙ୍କୁ ତାଙ୍କ ଜନ୍ମ ମୃତ୍ୟୁର ଚକ୍ରରୁ ଉଦ୍ଧାର କରିଥିଲେ। ବଳୀ ଅନ୍ତିମ ଇଛା ପ୍ରକଟ କରି ପ୍ରତିବର୍ଷ କେରଳକୁ ଆସିବାକୁ ଅନୁମତି ମାଗିଥିଲେ। ଶ୍ରାବଣ ମାସର ଶ୍ରାବଣ ନକ୍ଷତ୍ରକୁ ସେ ବାଛିଥିଲେ। ସେହି ଦିନଟି ଓ ନମ କେରଳବାସୀ ମିଷ୍ଟାନ୍ନ ବ୍ୟଞ୍ଜନ ପ୍ରଭୁଙ୍କୁ ଅର୍ପଣ କରିବା ପାଇଁ ପ୍ରସ୍ତୁତ କରନ୍ତି ନୂଆ ଲୁଗା ପିନ୍ଧନ୍ତି। ଘର ତୋରଳ ଫୁଲମାଳରେ ସଜ୍ଜିତ କରନ୍ତି। ଧୂପଦୀପରେ ପରିବେଶ ସୁଗନ୍ଧିତ ହୁଏ। ନୃତ୍ୟ ଗୀତରେ ଦିନଟି କଟାଇଥାନ୍ତି। ଘରେ ଦୀପ ଜଳେ ଏ ରୁଣ୍ଡିବନ୍ଧ ଉପରେ ତାହା ରଖାଯାଏ। ପିଲାମାନେ ମନ୍ଦିରରେ ଦୀପ ଜାଳନ୍ତି। ପ୍ରଦୀପ ଜୀବର ପ୍ରତୀକ। ଯୁବକ, ବୃଦ୍ଧ, ଧନୀ, ଗରିବ ସମସ୍ତେ ପୂଜା କରନ୍ତି। ବଳୀଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତି ଓ ଅହଂକାରକୁ ପରିତ୍ୟାଗ କରନ୍ତି। ସର୍ବଶକ୍ତିମାନ ପ୍ରଭୁଙ୍କ ପ୍ରତି ଭକ୍ତି ରହିତ ଜୀବନଜ୍ଞାନ ଏକ ଶୋଶଚନୀୟ ଅପଚୟ ଅଟେ। ଏକଥା ଶୁଣି ସମସ୍ତେ କହିଲେ ଏକ ସ୍ୱରରେ କେରଳ ଯିବା।


+ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ

ମୋ: ୯୬୯୨୯୮୦୦୨୬


**ଧାରାବାହିକ ଉପନ୍ୟାସ**

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

**ଜ୍ୟୋତ୍ସ୍ନାମୟୀ ପଣ୍ଡା**

II ଭାଗ-୧୪ II

(ପୂର୍ବ ପ୍ରକାଶିତ ଉତ୍ତାରୁ)



ବ୍ରହ୍ମ ସହିତ ମାୟା, ଆଦି ପିତାଙ୍କ ସହିତ ଆଦି ମାତା, ପୁରୁଷ ସହିତ ପ୍ରକୃତିଙ୍କର ମିଳନ ହେବାରୁ ଏହି ସୃଷ୍ଟି ସଂଭବ ହୋଇ ପାରିଅଛି। ଏବେ ଦୁଇଟି ଦେହର ମିଳନ ହିଁ ପୃଥିବୀଙ୍କୁ ପାର୍ଥିବତା ପ୍ରଦାନ କରିବ।

ନବଧା ପ୍ରଜାପତିଙ୍କ ସହାୟତାରେ ଯଜ୍ଞ ପୁରୁଷଙ୍କୁ ସ୍ଥାପନ କରି ସେ ଯଜ୍ଞ କରିଥିଲେ। ମନ୍ତ୍ର ଉଚ୍ଚାରଣ କରି ଯଜ୍ଞ ପୁରୁଷଙ୍କୁ ସନ୍ତୁଷ୍ଟ କରିଥିଲେ। ତେଣୁ ସ୍ୱୟଂ ବିଷ୍ଣୁ ଯଜ୍ଞ ବଳରେ ଆବିର୍ଭୂତ ହୋଇ ତାଙ୍କୁ ଯୋଗ କରିବାକୁ ଉପଦେଶ ଦେଇ ଥିଲେ। ସେ ଏକଶତ ବର୍ଷ ଯୋଗ କରିବା ପରେ ଏହି ବ୍ରହ୍ମାଣ୍ଡର ଅଧୀଶ୍ୱର ହୋଇଥିଲେ। କିନ୍ତୁ, ତାଙ୍କର ଶକ୍ତି କଣ ମଧୁ ଓ କୈଟଭଙ୍କୁ ପରାଜିତ କରି ଏକ ଆକର୍ଷଣ ଭରା ପୃଥିବୀକୁ ସୃଷ୍ଟି କରିପାରିବ ନାହିଁ ? ?

କ୍ଷିତିଙ୍କର ଭ୍ରାତୃ ଜାୟା ତାରକାମାନେ କଣ ତାଙ୍କର ଭାଗ୍ୟ ରବିଙ୍କୁ ଅସ୍ତ କରିଦେବ ?

ଯୋଗ ବଳରେ ପ୍ରଜାପତି ସନତ ଅନନ୍ତ ଜୀବନ ବିଷ୍ଣୁଙ୍କର ମାନସ ପୁତ୍ର ଅତନୁ( କାମ ଦେବ)ଙ୍କ ହସ୍ତରେ କୁସୁମ ଧନୁ ଧରାଇ ସେହି ଜଳର ସାମ୍ରାଜ୍ୟକୁ ପଠାଇ ଦେଲେ।

ପୁଣି ବ୍ରହ୍ମା ସୃଷ୍ଟିକୁ ରଞ୍ଜିତ କରିବା ପାଇଁ ଯୋଗ କରିବାରେ ଲାଗିଲେ। ପ୍ରଜାପତି ଲୋକ ସୃଷ୍ଟି ହେବାର ପ୍ରାୟ ଚାରିଶହ ବତିଶ କୋଟି ବର୍ଷ ପରେ ବା ଠିକ୍ ଏକ କଳ୍ପ ବା ବର୍ତ୍ତମାନଠାରୁ ପ୍ରାୟ ଚଉବନ କୋଟି ବର୍ଷ ପୂର୍ବେ.........।

ସେହି ଜଳାର୍ଣ୍ଣବ ପୃଥିବୀରେ ସନ୍ତରଣ କରିବାରେ ଲାଗିଲା କ୍ଷୁଦ୍ରାଦି କ୍ଷୁଦ୍ର ଏକ ଶଫରୀ ।.........

ଏକ , ତା'ପରେ ଅନ୍ୟ ଏକ, ଏହିପରି ଅସଂଖ୍ୟ ମେରୁଦଣ୍ଡ ଥିବା ପୁରୁଷ ଶଫରୀ ଘୁରି ବୁଲିଲେ। କିଛିଦିନ ପୁରୁଷ ଦେହରେ ରହିବା ପରେ ଦଳର ସମସ୍ତ ଶଫରୀ ନାରୀରେ ପରିଣତ ହୋଇଗଲେ ଓ ଏକମାତ୍ର ପୁରୁଷ ଶଫରୀଟି ମାଈ ମୀନ ମାନଙ୍କ ଆକର୍ଷଣରେ ସର୍ବଦା ତାଙ୍କ ସହିତ ଲାଗି ରହୁଥିଲା ଏବଂ ଦଳକୁ ସୁରକ୍ଷିତ ରଖୁଥିଲା। ସେ ସେମାନଙ୍କର ଯତ୍ନ କରୁଥିଲା ଓ ସେମାନଙ୍କୁ ସନ୍ତୁଷ୍ଟ ରଖିବାକୁ ଚେଷ୍ଟା କରୁଥିଲା। ମିଳନର ଋତୁରେ ସେ ସେମାନଙ୍କ ସହ ରତି କ୍ରିୟା କରୁଥିଲା। ଯଦି ବା ସେହି ମାଈ ମୀନ ମାନେ କ୍ଷୁଧାର ତାଡନାରେ ପରସ୍ପର ପ୍ରତି ଅଶାଳୀନ ବ୍ୟବହାର କରୁଥିଲେ ଓ ପୃଥିବୀରେ ତାଙ୍କ ପାଇଁ ସେହି ସମୟରେ ବିଶେଷ ଖାଦ୍ୟ ସୃଷ୍ଟି ହୋଇନଥିବାରୁ ଜଣେ ଅନ୍ୟ ଜଣଙ୍କୁ ଭକ୍ଷଣ କରୁଥିଲେ, ତଥାପି ପୁରୁଷଟି ପ୍ରତି ସେମାନଙ୍କର ଆକର୍ଷଣ ଦଳକୁ ଆପଣାର କରି ଏକତା ରଜ୍ଜୁରେ ବନ୍ଧନ କଲା।

ଜୀବନ ହେଲା ସଙ୍ଗମରେ ମଧୁମତ୍ତ। ଜଣଙ୍କ ପଛରେ ଅନ୍ୟ ଜଣଙ୍କର ସନ୍ତରଣ ସୃଷ୍ଟି କଲା ଜଳରେ ପ୍ରେମର ତରଙ୍ଗ, କ୍ରୀଡ଼ାର ଫୁଆରା .........

କ୍ରମେ ସେହି ମଧୁଓ କୈଟଭ, ଯେଉଁ ମାନେ ସେହି ସମୟରେ ମେରୁଦଣ୍ଡହୀନ ଏକକୋଷୀ କୀଟ ପରି ଏକ ଜୀବ ଥିଲେ, ଯେଉଁମାନେ ଶରୀରକୁ ବିଭାଜିତ କରି ବଂଶ ବିସ୍ତାର କରୁଥିଲେ, ଯେଉଁ ମାନଙ୍କର ଦୃଷ୍ଟି ବା ଶ୍ରୁତି ଶକ୍ତିର ବିକାଶ ହୋଇନଥିଲା, ଯେଉଁମାନେ କେବଳ ମେଦ ଓ ମାଂସର ଆକୃତି ହିଁ ଥିଲେ, ଯେଉଁ ମାନଙ୍କର ଶ୍ରୁତି ଶକ୍ତି ନଥିବାରୁ ଅନନ୍ତ ଜୀବନ ବିଷ୍ଣୁଙ୍କର କର୍ଣ୍ଣ ପଥକୁ ଗଇ ପରି ରୁଦ୍ଧ କରି ଦେଇଥିଲେ, ସେହିଁ ଜୀବ ଓ ଶୈବାଳ ଭକ୍ଷୀ ପ୍ରାଣୀମାନଙ୍କୁ ପରାଜିତ କରି ସେହି ମୀନ ମାନେ ଊର୍ଜ୍ଜାରୁ ସୃଷ୍ଟ ଅବିନାଶୀ ପ୍ରାଣ ଶକ୍ତିର ବିକାଶ କଲେ ତଥା ଏକକୋଷି ପ୍ରାଣୀ ମାନଙ୍କୁ ପରାଜିତ କରି ପୃଥିବୀର ନାମ ରଖିଲେ ମେଦିନୀ।....

ବର୍ଷା ଋତୁ ଆସିଲେ ସେହି ମୀନ ମାନେ ଗର୍ଭବତୀ ହେଉ ଥିଲେ, ଅଣ୍ଡା ଦେଉଥିଲେ ଓ ବଂଶ ବିସ୍ତାର କରିବାରେ ଲାଗିଲେ। ସେମାନଙ୍କଠାରୁ ଅଣ୍ଡଜ ପ୍ରାଣୀମାନଙ୍କର ସୃଷ୍ଟି ହେଲା।

କ୍ରମେ ସେହି ଜଳର ସାମ୍ରାଜ୍ୟରେ ଅସଂଖ୍ୟ ପ୍ରକାର ମୀନ ସୃଷ୍ଟି ହେଲା। କେତେ ବର୍ଣ୍ଣ, କେତେ ରଙ୍ଗ, କେତେ ପ୍ରକାର, କେତେ ଆକୃତିର ମତ୍ସ୍ୟ ! ଚକ୍ଷୁ ଶ୍ରବା ଓ ଚକ୍ଷୁ ଦ୍ରଷ୍ଟା ( ଶ୍ରୁତି ନଥାଇ ମଧ ମାଛ ମାନେ ଶବ୍ଦର ସଂକେତ ଜାଣିପାରନ୍ତି।) ଅସ୍ଥିର ଅସ୍ଥିତ୍ୱ ଥିବା ଶକ୍ତ ମେରୁଦଣ୍ଡି ମୀନ ମାନେ......। ସେମାନଙ୍କ ମଧରୁ କେତେକଙ୍କଠାରେ ଡେଣାର ସୃଷ୍ଟି ହେଲା ଓ ସେମାନେ ରଙ୍ଗୀନ କଙ୍କି ପରି ଉଡ଼ି ବୁଲିଲେ।

ସେମାନେ ପ୍ରତ୍ୟେକ ଏକ ଲିଙ୍ଗୀ ଥିଲେ। ହୁଏତ ନାରୀ ବା ପୁରୁଷ। ପରସ୍ପର ସହିତ ଦୈହିକ ଓ ମାନସିକ ଆକର୍ଷଣରେ ଚଳ ଚଞ୍ଚଳ ହେଲା ପ୍ରଣୟର ଋତୁ।............

ଏହିପରି ଭାବରେ କେତେ ଲକ୍ଷ ବର୍ଷ ବିତିଗଲା ।.... (କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ

**ସମ୍ପର୍କର ରିଙ୍ଗ**

**ଶ୍ୱେତା ରାଉତ୍**



ଏ ସଂସାରରେ ରକ୍ତ ମାଂସର ଶରୀର ନେଇ ଜନ୍ମିଛେ ଯେତେବେଳେ ଦୁଃଖ କଷ୍ଟ ରୋଗ ବ୍ୟାଧି ରହିବ। ସେଥିରେ ଅଧର୍ଯ୍ୟ ହେଲେ, କିମ୍ୱା ଈଶ୍ୱରଙ୍କୁ ଦୋଷ ଦେଲେ ଆମର କଷ୍ଟ କମ୍ ହେବ ନାହିଁ ବରଂ ବଢିବ। ଈଶ୍ୱର ଆମର ପରମପିତା, ସେ ତାଙ୍କ ସନ୍ତାନମାନଙ୍କୁ କଷ୍ଟ ଦେଲେ ତାଙ୍କୁ କଣ ଲାଭ ମିଳିବ ? ବରଂ ଯେତେବେଳେ ଆପଣ କୌଣସି କଷ୍ଟରେ ପଡୁଛନ୍ତି, ଭାବି ନିଅନ୍ତୁ ବୋଧହୁଏ ବଡ ସଙ୍କଟ ଥିଲା ଜୀବନରେ, ଈଶ୍ୱରଙ୍କ ପାଇଁ କମ୍‌ରେ ଟଳିଗଲା।

କିଛିଦିନ ତଳେ ଗୋଟେ ଘଟଣା ଘଟିଥିଲା, ଜଣେ ପିଲା ବିଦେଶରେ ଚାକିରି କରିଥିଲା, ତା ମାଆ ଖୁବ୍ ଅସୁସ୍ଥ ଥିଲା ବୋଲି ଗାଁରୁ ଫୋନ୍ ପାଇ ବ୍ୟଗ୍ରତାର ସହିତ ରେଲୱେ ଷ୍ଟେସନକୁ ଧାଇଁଲା ଓ ପରଦିନ ସକାଳୁ ଯିବ ବୋଲି ଟିକେଟ କରିଦେଲା। ରାତି ପାହିବା ପୂର୍ବରୁ ଶୀଘ୍ର ଷ୍ଟେସନରେ ପହଞ୍ଚିବ ବୋଲି ଧାଇଁବାକୁ ଲାଗିଲା। ବାଟରେ ଯାଉ ଯାଉ ଜଣେ ଅନ୍ଧ ଲୋକ, ପିଲାଟିକୁ ରାସ୍ତା ପାରି କରିଦେବାକୁ ଅନୁରୋଧ କଲେ। ପିଲାଟି ନାହିଁ କରି ପାରିଲାନି, ଅନ୍ଧ ବ୍ୟକ୍ତିଙ୍କୁ ରାସ୍ତା ପାରି କରିବା ଭିତରେ ଟ୍ରେନ ଛାଡିଦେଲା। ପିଲାଟି ଖୁବ୍ ଧାଇଁଲା,ଅଥଚ ଯାଇ ପାରିଲା ନାହିଁ। ସେତିକିବେଳେ ଘରୁ ଫୋନ୍ ଆସିଲା ଯେ ତାର ମାଆକୁ ଆମ୍ବୁଲାନ୍ସରେ ମେଡିକାଲ ନିଆ ହେଉଛି, ଆଉ ଶୀଘ୍ର ଆସି ପହଞ୍ଚିବାକୁ ତାକୁ ଫୋନ କରିଛନ୍ତି। ପିଲାଟି ନିରୁପାୟ ହୋଇ ଖୁବ୍ କାନ୍ଦିଲା।ସେ ଷ୍ଟେସନ ପାଖରେ ଶ୍ରୀ ଗଣେଶଙ୍କ ଏକ ମୂର୍ତ୍ତି ଥିଲା। ପିଲାଟି ଧାଇଁ ଯାଇ ମନ ଇଚ୍ଛା ପ୍ରଭୁଙ୍କୁ ଗାଳି କଲା-

'ତୁମେ ସତରେ ପଥର ଠାକୁର, ନହେଲେ ଆମକୁ ଏତେ ଦୁଃଖ ଦିଅନ୍ତ ନାହିଁ। ମୁଁ ମୋ ମାଆର ଗୋଟେ ପୁଅ,ମୋ ବାପା ନାହାନ୍ତି। କେତେ ବିକଳ ହୋଇ ମୋ ମାଆ ମୋତେ ଖୋଜୁଥିବ, ମୃତ୍ୟୁ ସହିତ ଲଢୁଛି ମୋ ମାଆ।ତୁମେ ଯଦି ଠାକୁର, ଜାଣି ପାରୁନ କେମିତି ? ମୁଁ ଜଣେ ଅନ୍ଧ ବ୍ୟକ୍ତିଙ୍କୁ ସାହାଯ୍ୟ କଲି, ପୁଣ୍ୟ କଲି, ଅଥଚ ଟ୍ରେନ ଚାଲିଗଲା ମୁଁ ଯାଇ ପାରିଲିନି। ତୁମେ କଣ ଘଡ଼ିଏ ଏ ଗାଡ଼ିକୁ ଅଟକାଇ ପାରିଲନି ? ଠାକୁର ବୋଲି କିଛି ନାହିଁ, ସବୁ ମିଛ'।

ଭୋ ଭୋ ହୋଇ କାନ୍ଦି ପିଲାଟି ଫେରିଗଲା ତା ଭଡା ଘରକୁ।

ପରଦିନ ସକାଳୁ ପୁଣି ବାହାରିଲା ଗାଁକୁ। ଏଥର ଟ୍ରେନ ବସିଲା, ମାଆ କେମିତି ମେଡିକାଲରେ ଥିବ ଭାବି ଭାବି ଅସ୍ଥିର ହେଉଥିଲା। ସେତିକିବେଳେ ପାଖରେ ବସିଥିବା ଯାତ୍ରୀମାନେ କୁହ କୁହି ହେଲେ ଗତ କାଲି ଯେଉଁ ଟ୍ରେନ ଏହି ସମୟରେ ଯାଇଥିଲା, ତାହା ଦୁର୍ଘଟଣାଗ୍ରସ୍ତ ହୋଇ ଅନେକଙ୍କ ମୃତ୍ୟୁ ହୋଇଛି। ପିଲାଟି ଖବର କାଗଜ ଛଡ଼ାଇ ନେଇ ନିଜେ ଖୋଜି ପକାଇଲା କେଉଁ ଟ୍ରେନ ଦୁର୍ଘଟଣା ହୋଇଛି ! ଦେଖିଲା ଯେଉଁ ଟ୍ରେନରେ ସେ ଯାଇ ପାରିନଥିଲା ବୋଲି ଈଶ୍ୱରଙ୍କୁ ଗାଳି କରିଥିଲା, ସେଇ ଟ୍ରେନ ସହିତ ଦୁର୍ଘଟଣା ହୋଇଛି। ପିଲାଟି ଭାବି ପାରୁ ନଥିଲା ପ୍ରକୃତରେ ଈଶ୍ୱର ତା ସହିତ ଅନ୍ୟାୟ କଲେ ନା ତାକୁ ମୃତ୍ୟୁ ମୁଖରୁ ବଞ୍ଚେଇଲେ ! ଆଖିରୁ କେବଳ ଅନୁଶୋଚନାର ଲୁହ ବହି ଯାଉଥିଲା। ଦେଖି ଦେଖି ଟ୍ରେନ ଷ୍ଟେସନରେ ଲାଗିଲା ଓ ପିଲାଟି ଅଟୋ ଧରି ଧାଇଁଲା ମେଡ଼ିକାଲକୁ। ମାଆ ପାଖରେ ପହଞ୍ଚି ଦେଖେ ତ ମାଆ ସୁସ୍ଥ ଅଛନ୍ତି,ପୂର୍ବଦିନ ବ୍ରହ୍ମାକୁମାରୀ ଅନୁଷ୍ଠାନ ତରଫରୁ ମାଗଣା ରକ୍ତଦାନ ସେବାର ଆୟୋଜନା ଥିଲା ଏବଂ ତା ମାଆକୁ ଆବଶ୍ୟକ ଥିବା ରକ୍ତ ସେଦିନ ମାଗଣାରେ ମିଳିଥିଲା। ଏଭଳି ଚମତ୍କାର ସଂଯୋଗ ଦେଖି ପିଲାଟି ମାଆକୁ ଧରି ଯୋରରେ କାନ୍ଦିବାକୁ ଲାଗିଲା ଏବଂ ଈଶ୍ୱରଙ୍କୁ ଦେଇଥିବା ଗାଳି ପାଇଁ ଅନୁତାପ କଲା। ଦୁଇ ହାତ ଉର୍ଦ୍ଧକୁ ଟେକି ଦେଇ କହି ପକାଇଲା, ହେ ମହାବାହୁ ତୁମେ ସତରେ ସବୁବେଳେ ପ୍ରାଣୀର ମଙ୍ଗଳ ଚାହିଁଥାଅ, ଆମେ ଅଧମ ମଣିଷ ତୁମକୁ ଆମର ଅଳ୍ପ ଜ୍ଞାନରେ ବୁଝି ପାରିନଥାନ୍ତି।

ଯେତେବେଳେ ଈଶ୍ୱର ମାନବ ଅବତାର ନେଇ ମର୍ତ୍ତ୍ୟକୁ ଆସିଥାନ୍ତି, ସବୁ ମାନବୀୟ ଗୁଣ, ଦୁଃଖ, କଷ୍ଟ, ଜଞ୍ଜାଳ, ଯାତନା, ପୀଡ଼ା ଭୋଗ କରିଥାନ୍ତି। ସେଥିପାଇଁ କୁହାଯାଏ 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,ଦେବତା ହୋଇଲେ ମରଇ'। ଦେବତା ମଧ ସଂସାରର ଦୁଃଖ, କଷ୍ଟରୁ ବାଦ୍ ପଡନ୍ତି ନାହିଁ। କିନ୍ତୁ ଆମେ ଅଧମ ମଣିଷ ଟିକେ ପୀଡ଼ା ପାଇଲେ ସବୁବେଳେ ଈଶ୍ୱରଙ୍କୁ ଦୋଷ ଦେଉ, ଆମେ ଆମର କର୍ମଫଳ ବା ପ୍ରାରବ୍ଧ ଭୋଗ କରୁ, ଅଥଚ ଈଶ୍ୱର ଆମ ସହିତ ଅନ୍ୟାୟ କଲେ ବୋଲି ଚାରିଆଡ଼େ ଈଶ୍ୱରଙ୍କ ଅପନିନ୍ଦା କରୁ। ଆଉ ଯେତେବେଳେ ଉନ୍ନତି କରୁ, ଲାଭବାନ ହେଉ ସେତେବେଳେ ଆମର ପରିଶ୍ରମର ଫଳ ବୋଲି ନିଜକୁ କ୍ରେଡିଟ ବା ସାବାସୀ ଦେଉ। ଆମେ ସବୁବେଳେ ଅନ୍ୟ ମୁଣ୍ଡରେ ଅଠା ବୋଳିବାରେ ଖୁବ୍ ଧୂରନ୍ଧର। ଏହା କିନ୍ତୁ ଠିକ୍ ନୁହେଁ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


## ଆଜିର କବିତା

### ଉତ୍ତରଣ

**ଡ.ସୁଚିତ୍ରା ରଥ**

ନଈ ତ ଫୁଲେଇ ହୁଏ
ତାକୁ କେହି ପାରିହୁଏ ବୋଲି
ସମୟ ବି ବେଳେ ଚିତା କୁଟେ
ପଦ୍ମତୋଳା ସ୍ୱର ଅନୁସରି
ଏଇମିତି ସ୍ରୋତ ଧାରେ
ଆଗେଇବା ଧାର୍ଯ୍ୟ ଯେବେ ତୋର
ମୋର ବା ଚାରା କଣ
ମୁଁ ତ ନିରବ ବିବାକ୍
ଲୁହଧାରେ ହସଗାରେ ମେଲି ।

ତୁ ଯା', ଏଣିକି ମୁଁ
ପଥର କଲିଣି ଛାତି
କହିହେଉନଥିବା ଯନ୍ତ୍ରଣାକୁ
ସାଇତିଲିଣି କବିତାର
ଉଷୁମ କୋଳରେ
ଛିଟାଛିଟା ଲୁହଯାକ
ଅନ୍ଧାରର ପଣତରେ ଏବେ
ଚୁନାଚୁନା ସୁତାଗୁନ୍ଥା ମୋତି
ସମୁଦ୍ରେ କୋହ ପାଲଟିଲେଣି
ଅସଂଖ୍ୟ ଜ୍ୟାମିତିକ ବିନ୍ଦୁ
ମୋ ଅଭ୍ୟାସ ଖାତାର
ମନ ମୋର ତାଳିପକା
ସାତସିଆଁ କାନି
ଅହର୍ନିଶି ବେଢେଇଥାଏ
ଦୀପ, ଦୁବ, ଅକ୍ଷତର ପୂଜାଥାଳି
ଯେଉଁଠି ଅଟକିଛି
ମୋର ଜୀବନନାଟିକା ।
ମୋ ଶୂନ୍ୟତା ,ପୂର୍ଣ୍ଣତା
ଅଭିମାନ, ଐଶ୍ୱର୍ଯ୍ୟ ଆଉ,
ପ୍ରଚ୍ଛନ୍ନ ପାଗଳପଣ ମୋତେ
ତୋ କାନ୍ଧରେ ଝୁଲେଇଦିଏ
ଶୂନ୍ୟ ବେତାଳଟେ ପରି
ଯେତେ ମନାକଲା ପରେ ବି
ହେଲେ ହେଉ, ତୁ ଯା'
ସୁନାର ସକାଳଟେ
ଅପେକ୍ଷିଛି ତୋତେ
ନଈ ଆରପାରେ ।


+ନୀଳଚକ୍ର ନଗର, ପୁରୀ
ମୋ: ୭୦୦୮୨୭୨୯୫୩

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା , ୯/୦୭ (ନି.ପ୍ର): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଆଇ ଏ ଏସ ପ୍ରବେସନ,ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା,ଏସ ଡି ପି ଓ ନିର୍ମଳ ମହାପାତ୍ର,ଡି ଏସ ପି ବନଶ୍ରୀ ରାଉତରାୟ,ରିଜର୍ଭ ପୁଲିସ ଇନିସ୍ପେକ୍ଟରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଆଗାମୀ ଜିଲ୍ଲା ସ୍ତରୀୟ ସ୍ୱାଧିନତା ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକ ସଫଳ ରୂପାୟନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିଲ୍ଲାର ସମସ୍ତ ସହରାଞ୍ଚଳରେ ପ୍ରତ୍ୟୁଷ ୪ଟାରୁ ୫ଟା ମଧ୍ୟରେ ରାମଧୁନ ପରିବେଷଣ, ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ସାଢେ ସାତଟା ସୁଦ୍ଧା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଇତ୍ୟାଦିରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୯ଟା ୧୫ରେ ମନମୋହନ ସ୍କୁଲ ପ୍ରାଙ୍ଗଣରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର କରାଯାଇଛି। ସେହିପରି ମନମୋହନ ସ୍କୁଲଠାରେ ରକ୍ତଦାନ ଶିବିର,ପୁରସ୍କାର ବିତରଣ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମାତୃମଙ୍ଗଳ କେନ୍ଦ୍ର ଏବଂ ଉପ କାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ପ୍ୟାରେଡ ପଡ଼ିଆ ଠାରେ ବ୍ୟାରିକେଡ ନିର୍ମାଣ ସହ ପ୍ୟାରେଡ ପଡ଼ିଆ ତଥା ମଞ୍ଚ ସାଜସଜ୍ଜା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନ୍ୱୟନ ସକାଶେ ଦାୟିତ୍ୱ ପ୍ରଦାନ କାରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ବିଭିନ୍ନ ଅନୁଷ୍ଠାନରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବାକୁ ଆଲୋଚନା କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ସକାଶେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ସକାଶେ ନିଷ୍ପତ୍ତି ନିଆଗଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ,ବରିଷ୍ଠ ନାଗରିକ ସଂଘ, ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଓ ଡ୍ରେନ ବ୍ୟବସ୍ଥିତ କରିବାରେ ପୌର ପରିଷଦ କରୁଛି ଅବହେଳା : ନରସିଂହ

ବଲାଙ୍ଗିର, ୯/୦୭ (ନି.ପ୍ର): ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବଲାଙ୍ଗିର ପୌରାଞ୍ଚଳ ଅନ୍ତର୍ଗତ ଓ୍ୱାର୍ଡ ନଂ.୩ ଓ ୪ ର ବିଭିନ୍ନ ରାସ୍ତା ଓ ଡ୍ରେନରେ ଥିବା ଅବ୍ୟବସ୍ଥାକୁ ନେଇ ପୌର ଅଧିକାରୀଙ୍କୁ ସାଙ୍ଗରେ ନେଇ ପରିଦର୍ଶନରେ ଯାଇଥିଲେ । ଏହି ଉଭୟ ଓ୍ୱାର୍ଡର ଅନେକ ଅଂଚଳରେ ରାସ୍ତା ଓ ଡ୍ରେନ ଘୋର ଅବ୍ୟବସ୍ଥାରେ ପଡି ରହିଛି । ଦିର୍ଘ ଦିନରୁ ସରକାରୀ ଦଳ ଅଧିନରେ ଥିବା ପୌର ପରିଷଦ ଦାୟିତ୍ୱହୀନତା ଓ ଦୂରଦର୍ଶୀତାର ଅଭାବ ଯୋଗୁଁ ରାସ୍ତା ଓ ଡ୍ରେନ ସମସ୍ୟା କୌଣସି ସମାଧାନ ବାହାରି ପାରୁନାହିଁ । କେବଳ ବର୍ଷା ଦ୍ୱାରା ପାଣି ଜମା ରହିଲେ ଶସ୍ତା ରାଜନୀତି କରିବା ପାଇଁ ସ୍ଥାନୀୟ ସରକାରୀ ଦଳର ନେତାମାନେ ପହଂଚି ଯାଉଛନ୍ତି କିନ୍ତୁ ପରେ ଯେଉଁ ଦୂରବସ୍ଥା କୁ ସେହି ଦୂରବସ୍ଥା । ତେଣୁ ଏହାର ସ୍ଥାୟୀ ସମାଧାନର ରାସ୍ତା ବାହାର କରିବା ପାଇଁ ଉଭୟ ଓ୍ୱାର୍ଡର କାଉନସିଲର ଏବଂ ଜନସାଧାରଣ ମାନ୍ୟବର ବିଧାୟକଙ୍କୁ ସେ ଅଂଚଳ ର ସମସ୍ୟା ବାବଦରେ ଅବଗତ କରାଇବା ପାଇଁ ଡାକିଥିଲେ । ବିଧାୟକ ଶ୍ରୀ ମିଶ୍ର ସେ ଅଂଚଳର ସମସ୍ୟା ଦେଖି ସାଙ୍ଗରେ ଥିବା ପୌର ଅଧିକାରୀଙ୍କୁ ରାସ୍ତା ଓ ଡ୍ରେନ ସଂଲଗ୍ନ ଅଂଚଳକୁ ଭଲ ଭାବରେ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ତଳି ଅଂଚଳରୁ କେମିତି ପାଣି ସଠିକ୍ ଭାବେ ନିଷ୍କାସନ ହୋଇ ପାରିବ ଏବଂ ବର୍ଜ୍ୟ ଜଳ ବନ୍ଧ ପୋଖରୀକୁ ନ ପଶିବ ସେ ଉପରେ କୁଶଳି ଯନ୍ତ୍ରୀମାନଙ୍କୁ ନେଇ ଏ ସମସ୍ୟାର ବାଟ ଶିଘ୍ର ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାହା ସହ ପୌର ପରିଷଦ ତରଫରୁ ଦିଆଯାଉଥିବା ଷ୍ଟ୍ରିଟ ଲାଇଟ ଲୋକଙ୍କ ଅନେକ ଅଭିଯୋଗ ସତ୍ତ୍ୱେ ମଧ୍ୟ ଅଚଳ ଲାଇଟକୁ ମରାମତି କରାଯାଉ ନ ଥିବାରୁ ଓ୍ୱାର୍ଡ ନଂ.୩ ରେ ଅନେକ ଆଇନ ଶୃଙ୍ଖଳା ପରିସ୍ଥିତି ଏପରିକି ଗୋଟିଏ ସ୍ଥାନରେ ଅନ୍ଧାର ଯୋଗୁଁ ଦୁଇ ଥର ଲୁଟ ଘଟଣା ଘଟିଯାଇଥିବାର ଉପସ୍ଥିତ ମହିଳାମାନେ ଅଭିଯୋଗ କରିଥିଲେ । ଉପସ୍ଥିତ ପୌର ଅଧିକାରୀ ବ୍ରଜ କିଶୋର ମିଶ୍ରଙ୍କୁ ଯେତେ ଶିଘ୍ର ହେବ ଷ୍ଟ୍ରିଟ ଲାଇଟ ସମସ୍ୟା ଦୂର କରିବା ପାଇଁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେବା ସହ ଦରକାର ପଡିଲେ ଏ ସମସ୍ତ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପରାମର୍ଶ ଗ୍ରହଣ କରିବାକୁ ପୌର ଅଧିକାରୀଙ୍କୁ କହିଥିଲେ । ଆଜିର ଏହି ଗସ୍ତ ସମୟରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତିତ ଉଭୟ କାଉନସିଲର ଯଥା ରଜନି ବନଛୋର, ଅରବିନ୍ଦ ପରୁଆ, ବୁଲୁ ଦାନି, ବଜରଂଗ ବନଛୋର, ଅଜୟ ବାଲି, ଅଙ୍କିତ ସାହୁ, ମନୋରଂଜନ ବିଶ୍ୱାଲ, ସାନୁ ମନହୀରା, ଚନ୍ଦନ ସାହୁ, ରୁପେଶ ନାଗ, ଚିନ୍ମୟ ସାହୁ, ରୋସନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରେନ ଲାଇନରେ ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୯/୦୭ (ନି.ପ୍ର): ଜୟପୁର ରେଳ ଷ୍ଟେସନ ଟ୍ରେନ ଲାଇନରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ଯୁବକର ପରିଚୟ ମିଳି ପାରିନାହିଁ । ଜୟପୁର ରେଳ ଷ୍ଟେସନର ୟାର୍ଡ ନିକଟ ଟ୍ରେନ ଲାଇନରେ ଯୁବକର କ୍ଷତ ବିକ୍ଷତ ଶବ ପଡିଛି । ସୂଚନା ପାଇ ଜିଆରପି ପୋଲିସ ପହଂଚି ଶବକୁ ଜବତ କରିଛି । ଟ୍ରେନ ଲାଇଇନରେ ଯୁବକ ଜଣକ ଶୋଇ ପଡିଥିବା ବେଳେ ମାଲବାହି ଟ୍ରେନ ଧକ୍କାରେ ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଉଛି । ଶବର ପରିଚୟ ମିଳିପାରି ନଥବାରୁ ଶବକୁ କୋରାପୁଟ ଶବ ଗୃହରେ ରଖାଯାଇଛି । ଯଦି ପରିଚୟ ମିଳିବ ପରିବାର ଲୋକେ ଆସିଲେ ଶବ ବ୍ୟବଛେଦ କରାଯିବ ବୋଲି ଜିଆରପି ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଅନଲାଇନ୍ ସ୍ଲଟ୍ ବୁକିଂରେ ଦଲାଲଙ୍କ ରାଜୁତି : ଜମି କିଣାବିକା ପାଇଁ ଫେରୁଛନ୍ତି ଶତାଧିକ ଲୋକ

ପୁରୁଣା ଭୁବନେଶ୍ୱର, ୯/୦୭ (ନି.ପ୍ର): ଜମିଜମା ଇ-ରେଜିଷ୍ଟ୍ରେସନ୍ ବା ପଞ୍ଜୀକରଣ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବା ସହ ଏହାର ସମସ୍ୟା ଦୂର କରିବା ଲାଗି ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ନିୟମ କରା ଯାଇଛି। ହେଲେ ଏହି ସ୍ଲଟ୍ ବୁକିଂ ଏବେ ଦଲାଲଙ୍କ କବଜାରେ ରହିଛି। ରାତି ୧୨ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସ୍ଲଟ୍ ବୁକିଂ ହେଉଥିବାରୁ, ସାଧାରଣ ଲୋକେ ସକାଳୁ ସ୍ଲଟ୍ ବୁକ୍ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ରାତିଅଧରେ ସ୍ଲଟସବୁ ଦଲାଲ କବଜା କରି ନେଉଥିବାରୁ ସାଧାରଣ ଲୋକେ ନିରାଶ ହେଉଛନ୍ତି। ଗୋଟିଏ ଗୋଟିଏ ମୋବାଇଲ୍ ନମ୍ବରରୁ ଏକାଧିକ ନମ୍ବର ସ୍ଲଟ୍ ବୁକ୍ କରିବା ଓ ସେଥିପାଇଁ କୌଣସି ଫି' ଜମା କରିବାକୁ ପଡୁ ନଥିବାରୁ ଦଲାଲମାନେ ମନଇଚ୍ଛା ସ୍ଲଟ୍ ବୁକ୍ କରି ରଖୁଛନ୍ତି। ଗୋଟିଏ ଗୋଟିଏ ମୋବାଇଲ୍ ନମ୍ବରରୁ ୨୦ରୁ ଉର୍ଦ୍ଧ୍ୱ ସ୍ଲଟ୍ ବୁକିଂ ହୋଇଯାଉଛି। ଫଳରେ ଅସୁବିଧାରେ ପଡ଼ି କେହି ଅସଲ ଜମି ମାଲିକ ତୁରନ୍ତ ଜମି ବିକ୍ରି କରିବାକୁ ଚାହୁଥିଲେ, ତାଙ୍କୁ ମଧ୍ୟ ମାସ ମାସ ଧରି ଅପେକ୍ଷା କରିବାକୁ ହେଉଛି।

ସାରା ରାଜ୍ୟର ଅଧିକାଂଶ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସ୍ଲଟ୍ ବୁକ୍ କରିବାକୁ ଯାଇ ଲୋକେ ସମାନ ସମସ୍ୟାକୁ ସାମନା କରୁଛନ୍ତି। ଏପଟେ ସ୍ଲଟ୍‌ଗୁଡ଼ିକୁ ଦଲାଲମାନେ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ସାଧାରଣ ଲୋକେ ତ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି, ଏହାଦ୍ୱାରା ଆଉ ଗୋଟିଏ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଦଲାଲମାନେ ମନଇଚ୍ଛା କବଜାରେ ରଖିଥିବା ସବୁ ସ୍ଲଟ ଅନେକ ସମୟରେ କଳାବଜାରରେ ବିକ୍ରି ହୋଇ ପାରେନାହିଁ। ତେଣୁ ସେଗୁଡ଼ିକ ବେକାର ହୋଇଯାଏ। ଫଳରେ ଦିଆ ଯାଇଥିବା ସ୍ଲଟ୍‌ର ଶତକଡ଼ା ୪୦ରୁ ୫୦ ଭାଗ ଜମି ହିଁ ରେଜିଷ୍ଟ୍ରି ହୋଇପାରୁଛି। ଏହା ଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି।



ଭୁବନେଶ୍ୱର ଓ ଏହାର ଉପକଣ୍ଠ ଅଞ୍ଚଳର ସ୍ଥିତିକୁ ବିଚାରକଲେ, ବାଲିଅନ୍ତା, ଜଟଣୀ ଓ ବାରଙ୍ଗରେ ଦଲାଲମାନେ ସ୍ଲଟ୍‌ଗୁଡ଼ିକୁ ୨ରୁ ୫ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଜଟଣୀ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଥିବା ମୋଟ୍ ୬୬ଟି ସ୍ଲଟ୍ ଥିବାବେଳେ ଦିନକୁ ମାତ୍ର ୧୦ରୁ ୨୦ଟି ରେଜିଷ୍ଟ୍ରି ହୋଇପାରୁଛି। ଭୁବନେଶ୍ୱର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ୧୫୯ଟି ସ୍ଲଟ୍ ମଧ୍ୟରୁ ୮୦ରୁ ୧୦୦ ହିଁ ରେଜିଷ୍ଟ୍ରି ହେଉଛି। ଏ ସମ୍ପର୍କରେ ଜଣେ ଭୁକ୍ତଭୋଗୀ ବୋତଣ୍ଡା ଅଞ୍ଚଳର କୃଷକ ହରିହର ପ୍ରଧାନ କହନ୍ତି, ଝିଅ ବିବାହ ପାଇଁ ହଠାତ୍ ଜମି ବିକ୍ରି କରିବା ଦରକାର ହୋଇଥିଲେ ହେଁ ଦେଢ଼ମାସ ପର୍ଯ୍ୟନ୍ତ ସ୍ଲଟ୍ ବୁକ୍ ହୋଇପାରି ନଥିଲା। କେବଳ ଜମିଜମା ପ୍ରସଙ୍ଗରେ ନୁହେଁ, ବିବାହ ଓ ଟ୍ରଷ୍ଟ ରେଜିଷ୍ଟ୍ରି ପାଇଁ ମଧ୍ୟ ଲୋକଙ୍କୁ ଏକ ମାସ ଯାଏ ଅପେକ୍ଷା କରିବାକୁ ପଡୁଛି। ଏ ବାବଦରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ତାପସ କୁମାର ଦାସ କହନ୍ତି, ''ରାତି ୧୨ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସ୍ଲଟ୍ ବୁକିଂ ହେଉଥିବାରୁ ରାତିରେ ଦଲାଲମାନେ ବୁକ୍ କରି ନେଉଛନ୍ତି। ଲୋକେ ଟଙ୍କା ଦେଇ କିଣିବାକୁ ବାଧ ହେଉଛନ୍ତି। ଏହା ବିରୋଧରେ ଆଇଜିଆର (ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍) କାର୍ଯ୍ୟାନୁଷ୍ଠାନ ନେବା ଉଚିତ।''

## ମଣିପୁର ପ୍ରସଂଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବଲାଙ୍ଗିର, ୯/୦୭ (ନି.ପ୍ର): ବିଗତ ୩ ମାସ ହେଲା ମଣିପୁର ଜଳୁଛି। ମଣିପୁରରେ ଜାତିଆଣ ଦଂଗା ଲାଗି ରହିଛି । ବିଭତ୍ସ ଭାବେ ମହିଳାଙ୍କୁ ନିର୍ଯ୍ୟାତନା ଦିଆଯାଉଛି। ତେବେ କେନ୍ଦ୍ର ଓ ମଣିପୁର ରାଜ୍ୟ ସରକାର ଏହି ପ୍ରସଂଗରେ ମୌନବ୍ରତ ଅବଲମ୍ବନ କରିଛନ୍ତି। ଏଭଳି ଏକ ସ୍ୱର୍ଷକାତର ପ୍ରସଙ୍ଗକୁ ନେଇ ବଲାଙ୍ଗୀର ଜିଲ୍ଲା ଜ୍ଞାନ ଜ୍ୟୋତି ସାବିତ୍ରୀ ବାଇ ଫୁଲେ ସଙ୍ଗଠନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହିତ ପ୍ରତିବାଦ ସଭା କରିଛି। ସଂଗଠନର ମହିଳାମାନେ ସ୍ଥାନୀୟ ସିଭିଲ କୋର୍ଟ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି କଚେରୀ ଛକରେ ଥିବା ବାବା ସାହବେ ଆମ୍ବେଦକରଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଧାରଣାରେ ବସିଥିଲେ ଓ ପ୍ରତିବାଦ ସଭା କରିଥିଲେ । ରୂପାଳୀ ମହାନନ୍ଦଙ୍କ ସଭାପତିତ୍ୱରେ ତଥା ବବି ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମମତା ନାଗ ,ଚିତ୍ରଲେଖା ତାଣ୍ଡି , ଐଶ୍ୱର୍ଯ୍ୟା ହରିପାଳ , କୌଶଲ୍ୟା କୁମ୍ଭାର , ରୁକ୍ମିଣୀ ବାଗ ଓ ଉମା ଦୀପ ପ୍ରମୁଖ ଉଦବୋଧନ ଦେଇ ମଣିପୁର ଘଟଣା କେବଳ ଜାତୀୟ ଲଜ୍ଜା ନୁହେଁ ବରଂ ଆର୍ନ୍ତଜାତୀୟ ଲଜ୍ଜା ବୋଲି କହିଥିଲେ । ଏକ ଭିଡିଓ ଭାଇରାଲ ହେବା ପରେ ସରକାରଙ୍କ ଚେତା ପଶିଥିଲା । ମାମଲା ରୁଜୁ କରି କିଛି ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ତେବେ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ସେମାନେ ଦାବି କରିଥିଲେ । କେବଳ ମଣିପୁର ନୁହେଁ ସମଗ୍ର ଦେଶରେ ନାରୀମାନଙ୍କ ଉପରେ ଅତ୍ୟାଚାର ବଢିବାରେ ଲାଗିଛି । ସରକାର ଏହା ଉପରେ ଲଗାମ ଲଗାନ୍ତୁ ବୋଲି ମଧ୍ୟ ବକ୍ତାମାନେ ଦାବି କରିଥିଲେ । ପରେ ଜିଲ୍ଲାପାଳଙ୍କ ଜରିଆରେ ସଂଗଠନ ତରଫରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଲଳିତା ଦୀପ , କଳ୍ପନା ବିହାରୀ , ଜୟଶ୍ରୀ ନାଗ , ଲକ୍ଷ୍ମୀ କୁମ୍ଭାର , ରାଜଶ୍ରୀ ବାଗ , ନମିତା ନାଗ ଓ ସୁନୀତା ବିଭାର ପ୍ରମୁଖ ।

## କାମ କରି ପାଉଣା ପାଉନଥିବା ଅଭିଯୋଗ

କେନ୍ଦ୍ରାପଡା, ୦୮ ଅଗଷ୍ଟ (ହି.ସ.) କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମା' ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ୫ଟି ଅଧିନରେ ଥିବା ଦଶିପୁର ଆଦର୍ଶ ପଂଚାୟତ ହାଇସ୍କୁଲ ରେ ମହିଳା ମାନେ ସଫେଇ ଓ ରାତ୍ର ଜଗୁଆଳି ଭାବେ ଦୀର୍ଘ ୫ ମାସ ହେଲା କାମ କରୁଥିଲେ ମଧ୍ୟ ଏମାନଙ୍କୁ କୌଣସି ପାଉଣା ନମିଳିବାରୁ ଏହି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ସେମାନଙ୍କର ପାଉଣା ପାଇବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସସ୍ମିତା ରାଉତ, ପୁଷ୍ପଲତା ତରାଇ, ପୂଜା ସ୍ୱାଇଁ, ରାନୁବାଳା ଦଳାଇ ପ୍ରମୁଖ ମହିଳା ମାନେ ଉପସ୍ଥିତ ଥିଲେ ।

# ସବୁଆଡେ ବୁଲି ଖୁସିର ବାର୍ତ୍ତା ଦେଉଛନ୍ତି ସନ୍ତୋଷ

ବଲାଙ୍ଗିର, ୯/୦୭ (ନି.ପ୍ର): ସାଇକେଲଟିଏ ଧରି ଗ୍ରାମ ଗ୍ରାମ ସହର ସହର ବୁଲି ଖୁସିର ବାର୍ତ୍ତା ବାଂଟିବା କାମ କରୁଛନ୍ତି ସନ୍ତୋଷ କୁମାର ପାତ୍ର। ଚାରି ପାଂଚ ଦିନ ହେଲା ବଲାଙ୍ଗିରରେ ଘୁରି ବୁଲୁଥିବା ଲୋକେ ଦେଖିଥିବା ବେଳେ ହଠାତ୍ ମୋର ଦେଖା ହେଲା ପୁରୁଣା ବସଷ୍ଟାଣ୍ଡ ପାଖେ ପଚାରିବାରୁ ବରଗଡ଼ ଯିବାକୁ ବାହାରିଛି କହିଲେ। ବେକରେ ତାଙ୍କର ଝୁଲି ରହିଛି ଗୋଟିଏ ସନ୍ଦେଶ ''ଆପଣ ମାନେ ଖୁସି ରେ ରହନ୍ତୁ '' ହସ ହସ ମିଜାଜ୍ ର ବ୍ୟକ୍ତି ଟିଏ। ବୟସ ୫୨ ହେଲାଣି, ଅବିବାହିତ। ମୂଳ ଘର ଜନ୍ମସ୍ଥାନ ବରଗଡ଼ ଜିଲ୍ଲାର ସୋହେଲା। ଘର କେଉଁଠି ରହନ୍ତି ପଚାରିଲେ ସବୁଆଡେ ମୋର ଘର ନିଜର ବୋଲି କିଛି ନାହିଁ, ଖାଇବା ପାଇଁ ଚଳିବାକୁ ଅର୍ଥ କେଉଁଠୁ ମିଳେ ପଚାରିଲେ କୁହନ୍ତି ଭଗବାନ ଦେଉଛନ୍ତି। ଏଠାରେ ମନେ ପଡ଼େ ଆମର ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ପଦଟିଏ କଥା'' ଆପଣ ମାନେ ଖୁସି ତ '' ଠିକ୍ ସେପରି ସନ୍ତୋଷ। ନିଜର ଘର ସଂସାର ବୋଲି ପରିବାର ବୋଲି କିଛି ନଥିଲେ ମଣିଷ ପରମାତ୍ମା ଉପରେ ଭରସା କରନ୍ତି ଯେପରି ସାଧୁ ସନ୍ଥ ମାନେ ଆଜୀବନ ବ୍ରହ୍ମଚାରୀ ରହି ଯୋଗ ଧ୍ୟାନ ଭଗବାନ ଚିନ୍ତା କରନ୍ତି ସଂସାର ମଙ୍ଗଳ ପାଇଁ ଚିନ୍ତନ କରି ପରମାତ୍ମାଙ୍କ ବାର୍ତ୍ତା ଦିଅନ୍ତି, ସେପରି ସନ୍ତୋଷ ହସି ହସି ଖୁସି ମିଯାଜ ରେ ବୁଲୁଛନ୍ତି, ଲୋକଙ୍କ ସହିତ କଥା ହୁଅନ୍ତି। ଆପଣ ରାଜନୀତି କରନ୍ତି କି (ସବୁଜ ରଙ୍ଗରେ ଲେଖାଥିବା ବାର୍ତ୍ତା ଦେଖି) ବିଜେଡି ପ୍ରଚାର କରୁଛନ୍ତି କି ? ପଚାରିବାରୁ ହଁ ସେ ନବୀନ ବାବୁଙ୍କ କଥା କୁହନ୍ତି ତାଙ୍କ ଦଳ ପାଇଁ ପ୍ରଚାର ମଧ୍ୟ କରନ୍ତି, ତାଙ୍କର ସାଇକେଲ ଆଗରେ ଥିବା ଡାଲାରେ ଥିବା ସାଉଣ୍ଡ ବାକ୍ସରୁ କେତେବେଳେ ଗୀତ ଭଜନ ତ କେତେବେଳେ ଭଲ ବାର୍ତ୍ତା ସନ୍ଦେଶ ପ୍ରଚାର କରନ୍ତି ବୋଲି କହିଥିଲେ। ହର୍ଫନ୍ ମୌଲା ସମସ୍ତେ ଖୁସି ରହନ୍ତୁ, ଆଜିର ଦିନରେ ଅନ୍ୟର ମଙ୍ଗଳ ଚିନ୍ତା କରୁଥିବା ବ୍ୟକ୍ତି ଅଛନ୍ତି। ଯା ହେଉ ତାଙ୍କର ସମସ୍ତଙ୍କ ପ୍ରତି ଭଲ ପାଇବା ଜାରି ରହୁ ଏହାହିଁ କାମନା।

# ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଚମ୍ପୁଆ, ୯/୦୭ (ନି.ପ୍ର): ଓଡିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଫାଇଲେରିଆ ରୋଗର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଆସନ୍ତା ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତ ଲୋକ ମାନଙ୍କୁ ସଚେତନ କରିବା ଲକ୍ଷରେ ଗାଁ ଗାଁ ରେ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ମହେଶ୍ୱରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହିଦିନ ଡିଇସି ବଟିକା ସହିତ ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକାର ଗୋଟିଏ ମାତ୍ରା ସମସ୍ତେ ନିଶ୍ଚିତ ଖାଇବାକୁ ଅନୁରୋଧ କରାଯାଇଛି । କେବଳ ଗର୍ଭବତୀ ମହିଳା, ଦୁଇ ବର୍ଷରୁ କମ ବୟସର ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ଜନ୍ମ କରିଥିବା ମା ଓ ଅତ୍ୟନ୍ତ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏହି ଔଷଧ ଖାଇବାପାଇଁ ବାରଣ କରାଯାଇଛି । ଏହି ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଦିଆ ଯାଉଥିବାବେଳେ ଆଶାକର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ଯାଇ ଏହି ଔଷଧ ଖୁଆଇବେ ବୋଲି ସୂଚନା ଦିଆ ଯାଇଛି । ଏହି କାର୍ଯ୍ୟକ୍ରମ କାଳିକା ପ୍ରସାଦ ଓ ରଜିଆ ପଞ୍ଚାୟତ ଦାୟିତ୍ୱରେ ଥିବା ମୋବାଲାଇଜର ଆରଭିଡିଓ ଦିଲ୍ଲୀପ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟକ୍ରମକୁ ଅଙ୍ଗନବାଡି କର୍ମୀ କାନ୍ତିଲତା ମହାନ୍ତ, ସଂଗୀତା ମୁଣ୍ଡା ଓ ଆଶାକର୍ମୀ ସଂଯୁକ୍ତା ମହାନ୍ତ ପରିଚାଳନା କରିଥିଲେ ।

# ମହାସମାଧାନ ଶିବିରରେ ୯୦ଟି ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା , ୯/୦୭ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅନୁଷ୍ଠିତ ମହାସାମାଧାନ ଶିବିରରେ ମୋଟ ୯୦ଟି ଅଭିଯୋଗ ଶୁଣାଣି କରାଯାଇଛି। ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଆଇ ଏ ଏସ ପ୍ରବେଶନ , ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ହର୍ମେନ୍ଦ୍ର ଭୋଇଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୯୦ଟି ଅଭିଯୋଗ ମଧ୍ୟରୁ ୧୮ଟି ସାମୁହିକ ଓ ୭୨ଟି ବ୍ୟକ୍ତିଗତ । ଶିବିରରେ ପଞ୍ଚପଡ଼ା ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ ନ ହେବା ସତ୍ତ୍ୱେ ବିଦ୍ୟୁତ ଗ୍ରାହକଙ୍କ ନାଆଁରେ ବିଲ ଆସିବା, ବାଲିଜୋରି ଓରାମପଡ଼ା ଓ ଛତ୍ରିଆକଟା ଗ୍ରାମରୁ ରେଳଧାରଣା ପ୍ରକଳ୍ପ ସ୍ଥାନାନ୍ତରଣ,ହୀରାକୁଦ ନଦୀବନ୍ଧ ଯୋଜନାରେ ବାସଚ୍ୟୁତଙ୍କୁ ଜମି ପ୍ରଦାନ,ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ, ଇବ ନଦୀ ଉପକୂଳ ଗ୍ରାମ ଗୁଡ଼ିକରେ ବିଭିନ୍ନ ଅଭିଯୋଗ ଯଥା ବରଘାଟ ଠାରୁ ରାମଚଣ୍ଡୀ ପୀଠ କୁତାବଗା ପର୍ଯ୍ୟନ୍ତ ରିଂ ରୋଡ଼ ସହିତ ଅବରୋଧ ପାଚେରୀ ନିର୍ମାଣ,ଇବ ନଦୀ କୂଳରେ କଲ୍ୟାଣ ମଣ୍ଡପ ନିର୍ମାଣ ଓ ଗଣ୍ଡଘୋରାଠାରୁ ରେମଜା ନୂତନ ରାସ୍ତା ନିର୍ମାଣ, ପଞ୍ଚପଡ଼ା ନିକଟରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ, ବିଜୁ ନଗର(ଗଳି ନମ୍ବର- ୨)ରେ ଡ୍ରେନ୍ ପାଣି ରାସ୍ତାକୁ ଛଡ଼ା ଯିବା ଓ ମଲଦା ଗ୍ରାମର ଏନ ଏଲ ସି ଦ୍ୱାରା ପ୍ରଭାବିତ ଲୋକଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ସାମୂହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିବା ବେଳେ ଚିକିତ୍ସା ସକାଶେ ଆର୍ଥିକ ସହାୟତା, ପଟ୍ଟା ପ୍ରଦାନରେ ବିଳମ୍ବ , ବକେୟା ପ୍ରାପ୍ୟ, ବଦଳି, ବିଦ୍ୟୁତ ବିଭାଗ ପକ୍ଷରୁ ବେଆଇନ ଭାବେ ବିଲ ପ୍ରଦାନ,ପୁରୁଣାବସ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ବର୍ଷା ଯୋଗୁ ଘର ଭାଙ୍ଗିବା ଓ ଜମି ବିବାଦ ଆଦି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଶିବିରରେ ରେଡକ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ୧୫ହଜାର ଓ ସିଏମ୍‌ଆରଏଫ୍ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦକୁ ୨ହଜାର ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଗତ ଅଭିଯୋଗ ଗୁଡ଼ିକ ସମ୍ପର୍କରେ ସମୀକ୍ଷା ପୂର୍ବକ ଜିଲ୍ଲାପାଳ ତ୍ୱରିତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଖଣି ପ୍ରଭାବିତ ଗାଁରେ ଜଳ ଯନ୍ତ୍ରଣା : ପାଣି ପାଇଁ ଭରାନାଳ ପାରି ହେଉଛନ୍ତି ମହିଳା

ସୁନ୍ଦରଗଡ, ୯/୦୭ (ନି.ପ୍ର): ଖବରରେ ସଂଲଗ୍ନ ଫଟୋଟି ଅନେକ କଥା କହୁଛି। ପାଣି ପାଇଁ ଜୀବନକୁ ପାଣି ଛଡ଼ାଇ ଭରାନାଳ ପାରି ହେଉଛନ୍ତି ଦଳଦଳ ମହିଳା। ହାତରେ, କାଖରେ ଗରା, ବାଲ୍‌ତି। ନାଳରେ କେଉଁଠି ଅଣ୍ଟାଏ ତ କେଉଁଠି ଛାତିଏ ପାଣି। ଟିକିଏ ଅସାବଧାନ ହେଲେ ସୁଅରେ ଭାସିଯିବାର ଭୟ ରହିଛି। ତଥାପି ପିଇବା ପାଣି ଗରାଏ ପାଇଁ ନାଳ ଆରପଟ ଗାଁକୁ ଜୀବନକୁ ଏମିତି ପାଣି ଛଡ଼ାଇ ଯାଉଛନ୍ତି। ଅଭାବନୀୟ ଚିତ୍ରଟି ଆସିଛି ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ୍ ଗୋପାଳପୁର ପଞ୍ଚାୟତର ନାକଟିଦେଉଳ ଗାଁରୁ। ଯେଉଁ ସମୟରେ ସରକାର ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା କଥା କହୁଛନ୍ତି, ସେହି ସମୟରେ ଦିନେ କି ଦୁଇଦିନ ନୁହେଁ, ପୂରା ବର୍ଷା ଋତୁ ସାରା ପ୍ରତିଦିନ ଏମିତି ଜଳଯନ୍ତ୍ରଣା ଭୋଗନ୍ତି ଗାଁର ମହିଳା। ବିଡ଼ମ୍ବନାର ବିଷୟ ହେଲା, ଗାଁଟି ରହିଛି



ମହାନଦୀ ଖୋଲାମୁହଁ କୋଇଲାଖଣି ଅଞ୍ଚଳରେ। ଯେଉଁ ଅଞ୍ଚଳର ବିକାଶ ପାଇଁ ଜିଲ୍ଲାରେ ରହିଛି ହଜାରେ କୋଟି ଟଙ୍କାର ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଓ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓମ୍‌ବାଡ୍‌ସି)। ଗୋପାଳପୁର ପଞ୍ଚାୟତର ନାକଟିଦେଉଳରେ ରହିଛି ୫୦ ଘର, ବସବାସ କରନ୍ତି ୩ ଶହ ଲୋକ। ଗାଁର ବଡ଼ ଦୁଃଖ ହେଉଛି ଗାଁ ମୁଣ୍ଡରେ ଥିବା ନାଳ। ବର୍ଷାଦିନେ ନାଳ ଭରିଯାଏ। ଗାଁରେ ଥିବା ନଳକୂଅରେ ପାନୀୟ ଅଯୋଗ୍ୟ ଗୋଳିଆ ପାଣି ବାହାରେ। ଯାହା ଫଳରେ ମହିଳାମାନେ ବର୍ଷା ଋତୁରେ ଭରାନାଳ ପାରିହୋଇ ଆରପଟ ଗାଁ ତେଲେନଡିହିକୁ ପାଣି ଆଣିବାକୁ ଯାଆନ୍ତି। ତେଲେନଡ଼ିହି ଗାଁ ଅବସ୍ଥା ଆହୁରି ଶୋଚନୀୟ। ଏହି ନାଳ ହିଁ ଗାଁର ପଥ ଓଗାଳିଛି କହିଲେ ଭୁଲ୍ ହେବନାହିଁ। ଅନ୍ୟ ଋତୁରେ ଜୀବନଯାପନ କଷ୍ଟେମଷ୍ଟେ ଚଳି ଯାଉଥିବାବେଳେ ବର୍ଷାରେ ଗାଁଟି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ। ଗାଁ ସ୍କୁଲକୁ ବହିବସ୍ତାନି ଧରି ପିଲା ତ ଯାଆନ୍ତି, ହେଲେ ଶିକ୍ଷକ ନାଳ ଡେଇଁ ଆସିବା ସମ୍ଭବ ହୋଇ ନଥାଏ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମେତ ସରକାରଙ୍କ ସମସ୍ତ ଯୋଜନା ଭରାନାଳ ସାମ୍‌ନାରେ ଅଟକି ଯାଏ।

## ବିକାଶ ପଥେ ଭାରତ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସେମିତି ଇ-କମର୍ସ ବଜାର ୩୫୦ ବିଲିଅନରେ ପହଞ୍ଚିବ ବୋଲି କୁହାଯାଉଛି । ଅର୍ଥନୀତିର ବିକାଶ ଯୋଗୁ ୨୦୩୦ ବେଳକୁ ଭାରତରେ ୮୦ପ୍ରତିଶତ ଜନସାଧାରଣ ମଧ୍ୟବିତ୍ତ ବର୍ଗରେ ରହିବେ ଯାହା ୨୦୧୯ରେ ୫୦ପ୍ରତିଶତ ରହିଥିଲା । ଦେଶର ୧୪କୋଟି ପରିବାର ଏହି ସମୟକାଳ ମଧ୍ୟରେ ମଧ୍ୟବିତ୍ତ ହେବେ । ୨କୋଟି ଲୋକ ଉଚ୍ଚ ଆୟବର୍ଗରେ ସାମିଲ ହେବେ । ଲୋକଙ୍କ ଆୟବୃଦ୍ଧି ଯୋଗୁ ବ୍ୟୟ ବୃଦ୍ଧି ହେବ । ବଜାରର ବୃଦ୍ଧି ଯୋଗୁ ଅର୍ଥନୀତିର ବୃଦ୍ଧି ହେବ । ଜି ୨୦ର ରାଷ୍ଟ୍ରଗୁଡ଼ିକରେ ଅଂଶଧନରେ ମିଳୁଥିବା ଲାଭ ଦୃଷ୍ଟିରୁ ଭାରତ ଏକପ୍ରକାର ସ୍ଥିର ସ୍ଥିତିରେ ରହିଛି । କ୍ଷୁଦ୍ରରୁ ମଧ୍ୟମ ସମୟାବଧି ଅଂଶଧନରେ ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଭାରତରେ ୧୧.୫ ପ୍ରତିଶତ ଲାଭ ମିଳୁଥିଲା ବେଳେ ୫ମବର୍ଷ ବେଳକୁ ଚୀନରେ ୬.୭ ପ୍ରତିଶତ, ରୁଷିଆରେ ୯.୩ ପ୍ରତିଶତ ଏବଂ ଇଣ୍ଡୋନେସିଆରେ ୧୦.୫ ପ୍ରତିଶତ ମିଳୁଛି । ଆଗାମୀ ଦିନରେ ଚୀନ ତୁଳନାରେ ଭାରତକୁ ବିଦେଶୀ ନିବେଶ ବୃଦ୍ଧିପାଇବାର କାରଣ ପଛରେ ହଂକଂର ଦୁର୍ବଳ ସ୍ଥିତିକୁ କୁହାଯାଉଛି । କାରଣ ଚୀନର ମୋଟ ବିଦେଶୀ ପୁଞ୍ଜିନିବେଶରୁ ୮୦ ପ୍ରତିଶତ କେବଳ ହଂକଂରୁ ଆସୁଛି । ହଂକଂରେ ଥିବା ଅନେକ ଚୋର କମ୍ପାନୀ ବିଦେଶରୁ ଜାଲିଆତି ଅର୍ଥ ହଂକଂକୁ ଆଣିବା ପରେ ନିବେଶ ପାଇଁ ଚୀନକୁ ପଠାଉଛନ୍ତି । ଟିକସ ନାମକୁମାତ୍ର ଆଦାୟ ହେଉଥିବା ହଂକଂ ହେଉଛି ଜାଲ କମ୍ପାନୀମାନଙ୍କର ସ୍ୱର୍ଗ । ଏଠାରେ ଦୁର୍ବଳ ଆଇନ ଯୋଗୁ ବିଦେଶୀଙ୍କ ପାଇଁ କମ୍ପାନୀ ଖୋଲିବା ସହଜ । କମ୍ପାନୀର ମାଲିକ ସ୍ଥାନୀୟ ବାସିନ୍ଦା ହେବା ମଧ୍ୟ ଆବଶ୍ୟକ ନଥିବା ହେତୁ ଭିନ୍ନ ଭିନ୍ନ ଦେଶର ଅର୍ଥ ଚୋରମାନେ ହଂକଂରେ କମ୍ପାନୀ ଖୋଲି ବ୍ୟବସାୟ କରନ୍ତି । ସ୍ଥାନୀୟ ସରକାର ମଧ୍ୟ ଚୀନର ନିର୍ଦ୍ଦେଶରେ ଏଥିପାଇଁ ପ୍ରୋତ୍ସାହନ ଦେଉଛି । ବ୍ରିଟେନ ହାତରୁ ଚୀନ ହାତକୁ ହଂକଂ ଯିବା ପରେ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଚୀନରେ ହଂକଂର ପୁଞ୍ଜିନିବେଶ ମୋଟ ନିବେଶର ୫୦ ପ୍ରତିଶତ ଥିଲା, ଯାହା ୨୦୨୧ବେଳକୁ ୭୫ ପ୍ରତିଶତରୁ ଅଧିକ ହେଲା । ୨୦୨୧ରେ ଚୀନର ମୋଟ ବିଦେଶୀ ପୁଞ୍ଜି ନିବେଶ ୧୮୦ ବିଲିଅନ ଡଲାରରୁ ୧୩୨ ବିଲିଅନ କେବଳ ହଂକଂର ରହିଥିଲା । ସେମିତି ହଂକଂର ଅଂଶ ୨୦୨୦ରେ ମୋଟ ୧୪୫ରୁ ୧୦୫ ବିଲିଅନ ଡଲାର, ୨୦୧୯ରେ ମୋଟ ୧୩୮ରୁ ୯୮ ବିଲିଅନ ଡଲାର ଥିଲା । ଏକଥା ସତ ଯେ ଭାରତ ତୁଳନାରେ ଆମେରିକାର ପୁଞ୍ଜିନିବେଶ ଆଜି ମଧ୍ୟ ଚୀନରେ ଅଧିକ । ୨୦୨୧ରେ ଚୀନରେ ୨.୪ ବିଲିଅନ ଏବଂ ଭାରତରେ ୦.୬ ବିଲିଅନ ଡଲାର ଆମେରିକା ନିବେଶ କରିଥିଲା ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## କବି ବାଞ୍ଛାନିଧି ପଣ୍ଡାଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ



ଖଇରା, ୯/୦୮ (ନି.ପ୍ର): ବାଲେଶ୍ୱର ଜିଲାର ପୁରପଲ୍ଲୀରେ ଜଣେ ଦରଦୀ କବି ଭାବେ ପରିଚିତ କବି କଶ୍ୟପ ସ୍ୱର୍ଗତ ବାଞ୍ଛାନିଧି ପଣ୍ଡାଙ୍କର ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ବଣପାରିଆ ଗ୍ରାମରେ ମଙ୍ଗଳବାର ଦିନ ପାଳିତ ହୋଇ ଯାଇଛି । ସ୍ଥାୟୀ ସଭାପତି କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅନ୍ତର୍ଯ୍ୟାମୀ ପାତ୍ର, ମୁକ୍ତିକାନ୍ତ ଶତପଥି, ଅରୁଣ କୁମାର ସ୍ୱାଇଁ, ପଦ୍ମନାଭ ପଣ୍ଡା, ରମାକାନ୍ତ ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ, ପଦ୍ମନାଭ ଶନିବିଗ୍ରହ, ପ୍ରମୁଖ ଯୋଗ ଦେଇ କବିଙ୍କର ବିଭିନ୍ନ କବିତା ଉପରେ ଆଲୋକପାତ କରିଥିଲେ । ରଘୁନାଥ ପତ୍ରୀ ବିବରଣୀ ପାଠ କରିଥିଲେ । ତାଙ୍କ ରଚିତ କଣ୍ଟା କବିତା,ଚାଲି ମୁଲିଆ ଶୁଣ,ଗୁଜୁରାଟ ଭୁମିକମ୍ପ ଭଳି ପୁସ୍ତକ ମାଧ୍ୟମରେ ଆଜି ବି ପାଠକଙ୍କୁ ଆନ୍ଦୋଳିତ କରୁଥିବା ବକ୍ତା ମାନେ ଉଲ୍ଲେଖ କରିଥିଲେ । ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଲବାଣୀ ଆଟିଆଇରେ ସୁଜିକି ମୋଟର୍ସର କ୍ୟାମ୍ପସ ନିଯୁକ୍ତି ମେଳା

କନ୍ଧମାଳ , ୯/୦୮ (ନି.ପ୍ର): ସ୍ଥାନୀୟ ସରକାରୀ ଆଇ ଟି ଆଇ ପରିସରରେ ଗୁଜୁରାଟର ସୁଜୁକି ମୋଟରସ ଦ୍ୱାରା ଏକ ଦିନିଆ କ୍ୟାମ୍ପସ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ମେଳାରେ, ଫୁଲବାଣୀ ଶିଳ୍ପ ତାଲିମ ଅନୁଷ୍ଠାନ ର ଅଧକ୍ଷ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲା ବେଳେ ଉପସ୍ଥିତ ଛାତ୍ରମାନଙ୍କୁ ବିଭିନ୍ନ ଟ୍ରେଡ଼ ବିଷୟର ସଫଳ ନିଯୁକ୍ତି ସୁଯୋଗ ବିଷୟରେ ଅବଗତ କରାଇଥିଲେ । ଏଥିରେ ଫୁଲବାଣୀ ସମେତ କୋଟଗଡ଼ ଏବଂ ବୌଦ୍ଧ ଆଇ ଟି ଆଇ ର ୧୫୩ ଜଣ ଛାତ୍ର ଯୋଗ ଦେଇଥିଲେ । ସେଥିରୁ ୬୭ ଜଣ ଛାତ୍ର ମେକାନିକ, ଫିଟର,ୱେଲଡ଼ର, ୱେରମାନ, ସିଭିଲ ଇତ୍ୟାଦି ବିଭିନ୍ନ ଟ୍ରେଡ଼ର ଛାତ୍ର ମାନେ କୃତିତ୍ୱ ଅର୍ଜନ କରି ସୁଜୁକି କମ୍ପାନୀର ବିଭିନ୍ନ ସ୍ଥାନରେ ନିଯୁକ୍ତି ହେବେ ବୋଲି କମ୍ପାନୀର ପରିଚାଳକ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ ସୂଚନା ଦେଇଥିଲେ । କମ୍ପାନୀର ଅନ୍ୟତମ ସହଯୋଗୀ ସତୀଶ ଖାଡ଼ଗେ ସମେତ ଅନୁଷ୍ଠାନର ପ୍ଲେସ ମେଣ୍ଟ ସହ ତାଲିମ ଅଧିକାରୀ ରଶ୍ମି ରଞ୍ଜନ ବେହେରା, ପ୍ରଶାନ୍ତ କୁମାର ମିଶ୍ର ଏବଂ ତାଲିମ ଅଧିକାରୀ ରଶ୍ମି ରଞ୍ଜନ ବିଶ୍ୱାଳ ଛାତ୍ର ମାନଙ୍କ ନାମ ପଞ୍ଜିକରଣରେ ସହଯୋଗ କରିଥିଲେ । ସହ ତାଲିମ ଅଧିକାରୀ ଡ଼ଃ ନୃସିଂହା ନନ୍ଦ ମହାପାତ୍ର ପରୀକ୍ଷା ପରିଚାଳିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କମ୍ପାନୀର ଏହି ନିଯୁକ୍ତି ମେଳା କୁ ଛାତ୍ର, ଅଭିଭାବକ ଓ ସର୍ବ ସାଧାରଣ ପ୍ରଶଂସା କରିଅଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମଣିପୁରରେ ....

ଆଲୋଚନା ପାଇଁ ପ୍ରସ୍ତୁତ ଥିବା ବେଳେ ବିରୋଧୀ ଆଲୋଚନା ପାଇଁ ଆଗକୁ ଆସୁନଥିବା ଅଭିଯୋଗ କରିଛନ୍ତି ଗୃହମନ୍ତ୍ରୀ । ବିରୋଧୀମାନେ ସରକାରଙ୍କ କଥା ଶୁଣୁ ନାହାଁନ୍ତି । ହେଲେ ୧୪୦ କୋଟି ଲୋକ ଆମକୁ ସରକାର ଗଠନ କରିବାକୁ କ୍ଷମତା ଦେଇଥିବାରୁ ବିରୋଧୀ ଆମ କଥା ଶୁଣିବାକୁ ବାଧ୍ୟ ବୋଲି ସେ କହିଛନ୍ତି । ଅନ୍ୟପଟେ ମଣିପୁର ଘଟଣାରେ ବିରୋଧୀ ରାଜନୀତି କରୁଛନ୍ତି ବୋଲି ଅମିତ୍ ଶାହା କହିଛନ୍ତି । ଗୃହମନ୍ତ୍ରୀ କହିଛନ୍ତି କି ଆମେ ମାନୁଛୁ ମଣିପୁରରେ ସାଂଘାତିକ ହିଂସା ହୋଇଛି । ଏଭଳି ଘଟଣାକୁ ସରକାର କେବେ ବି ସମର୍ଥନ କରିବେ ନାହିଁ । ହେଲେ ଏଭଳି ସମ୍ବେଦନଶୀଳ ଘଟଣା ଉପରେ ରାଜନୀତି କରିବା ଲଜ୍ଜାଜନକ ବୋଲି ସେ କହିଛନ୍ତି । ମଣିପୁର ହିଂସା ଉପରେ ବିରୋଧୀମାନେ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବିରେନ ସିଂଙ୍କ ଇସ୍ତଫା ମାଗିବା ଦାବି ଉପରେ ଗୃହମନ୍ତ୍ରୀ କହିଛନ୍ତି କି, ମଣିପୁର ଘଟଣା ଉପରେ ଯଦି ରାଜ୍ୟ ସରକାର ସହଯୋଗ କରିନଥାନ୍ତେ ତେବେ ରାଜ୍ୟରେ ଅନୁଚ୍ଛେଦ ୩୭୦ ଲଗାଯାଇଥାନ୍ତା ଓ ମୁଖ୍ୟମନ୍ତ୍ରୀଙ୍କୁ ବରଖାସ୍ତ କରାଯାଇଥାନ୍ତା । ହେଲେ ମଣିପୁର ହିଂସାକୁ ନଜରରେ କେନ୍ଦ୍ର ନେଇଥିବା ସମସ୍ତ ନିଷ୍ପତ୍ତିକୁ ମଣିପୁର ସରକାର ଗ୍ରହଣ କରିଛନ୍ତି । କେନ୍ଦ୍ର ସରକାର ମଣିପୁରର ମୁଖ୍ୟ ଶାସନ ସଚିବଙ୍କ ବଦଳି କରିଛନ୍ତି । କେନ୍ଦ୍ରୀୟ ଗୃହରାଜ୍ୟମନ୍ତ୍ରୀ ନିତ୍ୟାନନ୍ଦ ରାୟ ଦୀର୍ଘଦିନ ଧରି ମଣିପୁରରେ ରହି ହିଂସା ଉପରେ ନଜର ରଖିବା ସହ ସେଠିକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସମୀକ୍ଷା କରିଛନ୍ତି । ଏଣୁ ମଣିପୁର ମୁଖ୍ୟମନ୍ତ୍ରୀ ଯେତେବେଳେ କେନ୍ଦ୍ରର ସମସ୍ତ ନିଷ୍ପତ୍ତିକୁ ସ୍ୱୀକାର କରୁଛନ୍ତି ତେଣୁ ସେଠାରେ ମୁଖ୍ୟମନ୍ତ୍ରୀ ବଦଳାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି ।

### ବଢ଼ିବ ନାହିଁ ସରକାରୀ....

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧିର କୌଣସି ପ୍ରସ୍ତାବ ଏବେ ସରକାରଙ୍କ ବିଚାରାଧୀନ ନାହିଁ । ୨୦୨୩ ଜୁନ୍ ୩୦ତାରିଖ ସୁଦ୍ଧା ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ କ୍ୟାଡ଼ର କଣ୍ଟ୍ରୋଲ ଅଥରିଟିଙ୍କ ଦ୍ୱାରା ମୋଟ ୧୨୨ଜଣ ଅଫିସରଙ୍କୁ ଫଣ୍ଡାମେଣ୍ଟାଲ ରୁଲସ(ଏଫଆର)-୫୬(ଜେ)ର ପ୍ରାବଧାନ ଆଧାରରେ ସରକାରୀ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଅନ୍ୟପକ୍ଷରେ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶାରେ ସରକାରୀ କର୍ମଚାରୀମାନଙ୍କ ଅବସର ବୟସସୀମା ବୃଦ୍ଧି ପାଇବ ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର କେନ୍ଦ୍ର ସରକାରଙ୍କ ଏଭଳି ପ୍ରସ୍ତାବ ନଥିବାରୁ ଓଡ଼ିଶା ସରକାର ମଧ୍ୟ କର୍ମଚାରୀଙ୍କ ସପକ୍ଷରେ ସେଭଳି କିଛି ନିଷ୍ପତ୍ତି ନେବାର ସମ୍ଭାବନା କ୍ଷୀଣ । ସୂଚନାଯୋଗ୍ୟ, ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୦ବର୍ଷ ରହିଛି ।

### ବନ୍ୟାରେ ବେହାଲ....

ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇ ସେମାନଙ୍କ ଖାଇବା ପିଇବାର ବ୍ୟବସ୍ଥା କରାଯାଇଛି । ଅନ୍ୟପଟେ ସ୍ଥାନୀୟ ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ହେବାରେ ଲାଗିଛି । ଡ଼େରାଡୁନ, ଟିହରି, ପୌଡ଼ୀ, ନୈନିତାଲ ଏବଂ ଚମ୍ପାବତ ଆଦି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏପଟେ ଗଙ୍ଗା ନଦୀରେ ମଧ୍ୟ ଜଳସ୍ତର ବଢ଼ିବାରେ ଲାଗିଛି । ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢିଯାଇଛି । ଲଗାତର ଭାବେ ଯଦି ଏପରି ଜଳସ୍ତର ବଢ଼େ ତେବେ ପୁଣି ଭୟାବହ ବନ୍ୟା ପରିସ୍ଥିତି ନେଇ ଆଶଙ୍କା କରିଛନ୍ତି ସ୍ଥାନୀୟ ବାସିନ୍ଦା ।

### ଏଏସଓ ଚୟନ ପ୍ରକ୍ରିୟା ଉପରେ ....

ଏହା ସହିତ ୨ ମାସ ମଧ୍ୟରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ । ଲିଖିତ ପରୀକ୍ଷାରେ ପିଲାମାନେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଇଝଙ ପରୀକ୍ଷା ମେରିଟ ଲିଷ୍ଟକୁ ହାଇକୋର୍ଟ ଖାରଜ କରି ଦେବା ପରେ ଏଥିପାଇଁ ମନୋନୀତ ହୋଇଥିବା ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନେ କଟକ ସ୍ଥିତ ଓଡ଼ିଶା ଲୋକସେବା ଆୟୋଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ପ୍ରତି ଅବିଚାର କରାଯାଇଥିବା ସେମାନେ କହିଛନ୍ତି । ପୂରା ଜଜ୍‌ମେଣ୍ଟ କପି ଆସିବା ପରେ ସେମାନେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଥିଲେ ।

### ଅଜଣା ଗାଡ଼ି ଧକ୍କାରେ ....

ଦେବା ପରେ ତୁରନ୍ତ ଉଦ୍ଧାର କରାଯାଇ ଭଞ୍ଜନଗର ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ଡାକ୍ତରଖାନା ନେବା ରାସ୍ତାରେ ବାଘଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ବାଘଟିର ବୟସ ୪ରୁ ୫ ବର୍ଷ ହୋଇଥିବା ଅନୁମାନ କରାଯାଉଛି । ବାଘର କେମିତି ଦୁର୍ଘଟଣାର ଶିକାର ହେଲା ସେ ଦିଗରେ ତଦନ୍ତ କରୁଛି ବନ ବିଭାଗ ।

### ଗଜପତିରେ....

ଆଉ ଶେଷରେ ବିକାଶ ଆଖିବୁଜି ଦେଇଥିଲେ । ଏପରି ଅବହେଳାକୁ ପରିବାର ଲୋକେ ଗ୍ରହଣ କରି ପାରୁନଥିବା ବେଳେ ବୁଦ୍ଧିଜୀବୀଙ୍କ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ନାମଗଡ଼ ଖ୍ରୀଷ୍ଟିଆନ୍ ସାହିରେ ପ୍ରଶାସନ ପକ୍ଷରୁ କୌଣସି ସଚେତନତା କରାଯାଇନାହିଁ । ନିୟମ ଅନୁସାରେ ଡେଙ୍ଗୁ ଚିହ୍ନଟ ହେଲେ ସଂପୃକ୍ତ ଅଞ୍ଚଳରେ ଡିଡିଟି ସିଞ୍ଚନ କରାଯିବା ସହ ସଚେତନ କରାଯିବା କଥା, ହେଲେ ପ୍ରଶାସନ ଏହାକୁ ଯେପରି ଭୁଲି ଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉକ୍ତ ସାହିରେ କେବଳ ବ୍ଲିଚିଂ ସିଞ୍ଚନ କରି ଦାୟିତ୍ୱ ସାରି ଦିଆଯାଇଥିବା ବେଳେ ଆଶା କର୍ମୀ ମ୍ୟାଲେରିଆ ପରୀକ୍ଷା କରିବା ପାଇଁ କହିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ କହନ୍ତି, ଡେଙ୍ଗୁ ଆକ୍ରାନ୍ତରେ ଏମ୍‌କେସିଜି କେହି ମୃତ୍ୟୁବରଣ କରି ନାହାନ୍ତି । ଏପରିକି ବର୍ତ୍ତମାନ ସୁଦ୍ଧା ଏମ୍‌କେସିଜିରେ କୌଣସି ଡେଙ୍ଗୁ ପଜିଟିଭ୍ ଭର୍ତ୍ତି ହୋଇ ନାହାନ୍ତି । ଯେଉଁମାନେ ଚିକିତ୍ସିତ ହୋଇଛନ୍ତି, ସେମାନେ ଡେଙ୍ଗୁ ସନ୍ଦେହରେ ଭର୍ତ୍ତି ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ରିପୋର୍ଟ ନେଗେଟିଭ୍ ଆସିଥିବା ପ୍ରଫେସର ଦାଶ କହିଛନ୍ତି ।

## ମହଙ୍ଗା ମାଡରେ ପେନସନ ଧାରୀ ଚେପଟା: ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ୩୦୦୦ ହଜାର କରିବାକୁ ଦାବି

ଲଙ୍ଗଳେଶ୍ୱର , ୯/୦୮ (ନି.ପ୍ର): ସମଗ୍ର ଅଞ୍ଚଳରେ ଏବେ ବିଭିନ୍ନ ପ୍ରକାରର ସାମଗ୍ରୀ ସବୁ ଅହେତୁକ ଦରଦାମ୍ ବୃଦ୍ଧି ପାଇବାରେ ଲାଗିଛି । ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଡ଼ାଲି,ତେଲ, ପନିପରିବା ଅଦା ପ୍ରଭୃତି ର ଦର ଆକାଶ ଛୁଆଁ ହେଲାଣି ସେହିପରି ଔଷଧ ମଧ୍ୟ ମହଙ୍ଗା ହେଲାଣି । ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ବର୍ଗର ଲୋକ ମାନଙ୍କୁ ସହାୟତା ରାଶି ଘୋଷଣା କରିଛନ୍ତି । ଦୀର୍ଘ ବର୍ଷ ହେଲା ଭତ୍ତା ହିତାଧିକାରୀ ମାନଙ୍କୁ ସରକାର କୌଣସି ଖୁସି ଖବର ଦେଇ ନାହାନ୍ତି । ଭତ୍ତା ହିତାଧିକାରୀ ୫ ଶହ ଟଙ୍କା ରେ କିପରି ଚଳିବେ ସେନେଇ ସମସ୍ୟା ସମ୍ମୁଖୀନ ହୋଇଛନ୍ତି ଲୋକ । ସରକାର ତୁରନ୍ତ ୩୦୦୦ ହଜାର ଟଙ୍କା ଲେଖାଏଁ ପେନସନ ଯୋଗାଇବା ପାଇଁ ବାଲିଆପାଳ ବ୍ଲକ ଭିନ୍ନକ୍ଷମ ସଂଗଠନର ସଭାପତି ରବିରଞ୍ଜନ ତ୍ରିପାଠୀ, ବଣିଆଡିହା ପଞ୍ଚାୟତର ସଭାପତି ନିତ୍ୟାନନ୍ଦ ବାରିକ, ବାଲିକୁଟି ପଞ୍ଚାୟତର ସଭାନେତ୍ରୀ ଝରଣା ରାଉତ ପ୍ରମୁଖ ଦାବି କରିଛନ୍ତି ।

## କୃମି ନାଶକ ଅଭିଯାନ ଲାଗି ପ୍ରଶିକ୍ଷଣ ଶିବିର

ଜଳେଶ୍ୱର , ୯/୦୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୦ ତାରିଖରେ ଜାତୀୟ କୃମି ନାଶକ ଦିବସ ଅବସରରେ ଜଳେଶ୍ୱର ବ୍ଲକ ଅଧିନରେ ଥିବା ଅଂଗନୱାଡି, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ମହିଳା ମାନଙ୍କୁ ଏହା ପ୍ରଦାନ କରାଯିବ । ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ଏଥିରେ ଉପକୃତ ହେବେ ବୋଲି ଆୟୋଜିତ ପ୍ରଶିକ୍ଷଣରେ କୁହାଯାଇଛି । ଆଜି ଶିଖରପୁରସ୍ଥିତ ଶ୍ରୀଶ୍ରୀବରାଳ ବାଲୁକେଶ୍ୱର ହାଇସ୍କୁଲ ପରିସରରେ ପ୍ରଶିକ୍ଷଣ ଶିବିରରେ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ପ୍ରଭାସଚନ୍ଦ ନାୟକ ଉଦ୍‌ଘାଟକ ଓ ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପିଏମ୍ ସ୍ମିତା ପ୍ରମାଣିକ, ଡ. ସରୋଜ କୁମାର କରଣ, ସ୍ୱାସ୍ଥ୍ୟକର୍ମଚାରୀ ଫକୀର ଚରଣ ପ୍ରଧାନ, ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବିଆର୍‌ସିସି ସୁଶାନ୍ତ କୁମାର ଜେନା, ପ୍ରଧାନ ଶିକ୍ଷୟତ୍ରୀ ରଜନୀ ହାଁସଦା, ସିଆର୍‌ସିସି ଅମ୍ରିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକମାନେ ପ୍ରଶିକ୍ଷଣ ନେଇଥିଲେ ।

## ନୀଳଗିରିରେ ପୃଥକ ପୃଥକ ଭାବେ ପାଳନ ହେଲା ବିଶ୍ୱ ଆଦିବାସୀ ଦିବସ



ନୀଳଗିରି , ୯/୦୮ (ନି.ପ୍ର): ବିଶ୍ୱ ଆଦିବାସୀ ଜନଜାତି ଆନ୍ତର୍ଜାତୀୟ ଦିବସ ନୀଳଗିରି ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବୁଧବାର ଦିନ ପ୍ରାୟ ଦୁଇଟା ସମୟରେ ସଜନାଗଡ ଭୂଦାରଚଣ୍ଡୀ ମନ୍ଦିର ସମ୍ମୁଖସ୍ଥ ଉଡାପଡିଆରେ ବାଲେଶ୍ୱର ଜିଲ୍ଲାର ନବ ନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀଙ୍କ ଆବାହକତ୍ୱରେ ବିଶ୍ୱ ଆଦିବାସୀ ଜନଜାତି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆତ୍ମ ନିର୍ଣ୍ଣୟ ପାଇଁ ପରିବର୍ତ୍ତନର ଏଜେଣ୍ଟ ଭାବରେ ଆଦିବାସୀ ଜନଜାତି ଯୁବକଙ୍କ ଭୂମିକା, ଜଳବାୟୁ ଓ ସବୁଜ ପରିବର୍ତ୍ତନର ପଦକ୍ଷେପ ସ୍ୱରୂପ ନ୍ୟାୟ ପାଇଁ ଏକତ୍ରିକରଣ ବିଷୟ ଉପରେ ଉପସ୍ଥିତ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ସାଲୁ କୁମାର ଟୁଡୁ, ମୁଖ୍ୟବକ୍ତା ମଦନ ମୋହନ ମାଝୀ ମଞ୍ଚାସିନ ରହି ନିଜନିଜର ବକ୍ତବ୍ୟ ରଖିଥିବା ବେଳେ ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ,୧୧/୧୨ର ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣକ୍ଷ ମଞ୍ଜରୀ ସିଂ, ଓ ରଞ୍ଜିତା ସିଂ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡି, ସଜନାଗଡ଼ ସରପଞ୍ଚ ପ୍ରଦୀପ ଖାଲପାଳିଆ, କଂକ୍ଷଣ ସରପଞ୍ଚ ରୂପା ସିଂ, ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ଫ୍ରାନ୍ସିସ ବେକନ ସ, ରବୀନ୍ଦ୍ର ନାୟକ, ଜିତେନ୍ଦ୍ର ହାଁସଦା, ରଘୁନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବ୍ଲକ୍ ର ତେଲିପାଳ ଠାରେ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବିଶ୍ୱ ଆନ୍ତର୍ଜାତୀୟ ଆଦିବାସୀ ଜନଜାତି ପାଳିତ ହୋଇଯାଇଛି । ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ଆଦିବାସୀ ସଂସ୍କୃତି, ପରମ୍ପରାର ସୁରକ୍ଷା ଓ ସେମାନଙ୍କର ଅଧିକାର ଉପରେ କିପରି ଅଗ୍ରାଧିକାର ସହିତ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ସେ ସମ୍ପର୍କରେ ବିଶେଷ ଭାବରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ସମାଜ ସେବୀ ଉପେନ୍ଦ୍ର ଦାସ, ମଣ୍ଡଳ ସଭାପତି ଅକ୍ଷୟ ବେହେରା, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ଉପେନ୍ଦ୍ର ନାୟକ, ରାମଚନ୍ଦ୍ର ସିଂ, ସେରାଲ ବାସ୍କେ, ସଞ୍ଜୟ ସିଂ, ଗୋବିନ୍ଦ ସାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଖ ପାଖ ଅଞ୍ଚଳର ବହୁ ଆଦିବାସୀ ଭାଇ ଭଉଣୀ ମାନେ ଏହି ସମାରୋହରେ ଉପସ୍ଥିତ ରହିଥିଲେ ।

## ଓଏଏସ ପାଇଥିବା ଯିଶୁକ୍ରୀଷ୍ଟ ଓ ନିବେଦିତା ସମ୍ବର୍ଦ୍ଧିତ



ଖଇରା, ୯/୦୮ (ନି.ପ୍ର): ଚଳିତ ଖଇରାରୁ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ନହଙ୍ଗର ଯିଶୁକ୍ରୀଷ୍ଟ ଦାସ ଓ ଶାଳଗଡିଆର ନିବେଦିତା ସ୍ୱାଇଁ ଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ବିଜେପି ନେତ୍ରୀ ତଥା ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଓ ଯୁବ ସଙ୍ଗଠକ ନିଳମାଧବ ପଣ୍ଡା ପ୍ରମୁଖ କୃତି ପ୍ରତିଭାଧାରୀଙ୍କୁ ତାଙ୍କ ବାସଭାବନରେ ଭେଟି ମିଠା ଖୁଆଇବା ସହ ସମ୍ବର୍ଦ୍ଧିତ କରିଥିଲେ ।ଏଥିସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ମଦ ଧରିବାକୁ ଯାଇ ଆକ୍ରମଣର ଶିକାର ହେଲେ ଅବକାରୀ ବିଭାଗ କର୍ମଚାରୀ

ମୁଖୀଗୁଡା, ୯/୦୮ (ନି.ପ୍ର): ମଦ ଧରିବାକୁ ଯାଇ ଅବକାରୀ ବିଭାଗ କର୍ମଚାରୀ ମାରଣାନ୍ତକ ଆକ୍ରମଣରଶିକାର ହେବା ନେଇ ଜୟପାଟଣା ଥାନାରେ ଅଭିଯୋଗ ହୋଇଛି । କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଅଁଳାଭଟା ଗ୍ରାମପଞ୍ଚାୟତ ଶାଗଜୋର ଗାଁର ସୁଦେର ବାଗଙ୍କ ଘରେ ଆଜି ସକାଳେ ଜୟପାଟଣା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ବେଳେ ସୁଦର ବାଗ ଓ ତାଙ୍କ ସହଯୋଗୀ ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ ଓ ଦୁଇ କନେଷ୍ଟବଳଙ୍କୁ ଆତର୍କିତ ଭାବେ ଆକ୍ରମଣ, ହତ୍ୟା ଉଦ୍ୟମ,ଗାଳିଗୁଲଜ କରିଥିବାନେଇ ଅବକାରୀ ବିଭାଗ ପକ୍ଷରୁ ଅଭିଯୋଗ କରାଯାଇଛି । ଏ ନେଇ ଜୟପାଟଣା ଆଇଆଇସି ମମତା ପାଣିଗ୍ରାହୀ ତଦନ୍ତ କରି ଅଭିଯୁକ୍ତ ସୁଦର ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

## ଦ୍ୱିତୀୟ ଥର ପାଇଁ ପ୍ରକୃତି ବନ୍ଧୁ ହେଲେ ଅମରେଶ ନରେଶ ସାମନ୍ତ



ପାରାଦୀପ, ୯/୦୮ (ନି.ପ୍ର): ଦ୍ୱିତୀୟ ଥର ପାଇଁ ପ୍ରକୃତି ବନ୍ଧୁ ହେଲେ ବନ୍ଦର ଯନ୍ତ୍ରୀ ଅମରେଶ ନରେଶ ସାମନ୍ତ । ଜିଲ୍ଲା ସଦର ମହକୁମା ଜଗତସିଂହପୁରଠାରେ ରାଜ୍ୟ ସରକାରଙ୍କ ସମ୍ମାନଜନକ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନରେ ସମ୍ମାନିତ କରାଯଇଛି କ୍ଷ କୁଜଙ୍ଗ ବିଶ୍ୱାଳୀ ଗ୍ରାମର ଶ୍ରୀ ବସନ୍ତ କୁମାର ସାମଲଙ୍କ ସୁପୁତ୍ର ଶ୍ରୀ ସାମନ୍ତଙ୍କୁ ଦ୍ୱିତୀୟ ଥର ପାଇଁ ରାଜ୍ୟ ସରକାରଙ୍କ ପ୍ରଶଂସା ପତ୍ର ସହିତ ଦଶ ହଜାର ଅର୍ଥ ରାଶିର ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଛି କ୍ଷ ଏହି ଉତ୍ସବରେ ଜିଲ୍ଲା ପରିବେଶ ସମିତ ସମ୍ପାଦକ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାଜଶ୍ରୀ ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଏବଂ ଜିଲ୍ଲା ର ସମସ୍ତ ହାଇସ୍କୁଲ୍ ଓ ଯୁକୋ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷପୂର୍ବରୁ ଶ୍ରୀ ସାମନ୍ତ ୨୦୧୫ ମସିହାରେ ପ୍ରଥମ ଥର ସେ ଏହି ଗୌରବ ହାସଲ କରିଥିଲେ କ୍ଷ ଦୀର୍ଘ ୩୦ ବର୍ଷ ପ୍ରକୃତିର ସୁରକ୍ଷା ଓ ନୂତନ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ନିମନ୍ତେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ବହୁତ କଷ୍ଟ ଓ ପରିଶ୍ରମ ବଳରେ ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ,ଝଡ଼ ତୋଫାନ ସମୟରେ ସମ୍ପୃକ୍ତ ଅଂଚଳର ସୁରକ୍ଷା ପ୍ରମୁଖ ରକ୍ଷା କବଚ ରୂପେ ସହାୟକ ହୋଇପାରିଛି । ସବୁଜ ବନାନୀ ସୃଷ୍ଟି ସହିତ ବିଭିନ୍ନ ବିଲୁପ୍ତ ପ୍ରାୟ ପକ୍ଷୀମାନଙ୍କ ପାଇଁ ନିରବଚ୍ଛିନ୍ନ କୃତିମ ବସା ଓ କ୍ରମାଗତ ଭାବରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିଆସୁଛନ୍ତି ।ପ୍ରକୃତି ପ୍ରତି ତାଙ୍କର ଏହି ନିରବଚ୍ଛିନ୍ନ ଅସାଧାରଣ ସେବା ଓ ତ୍ୟାଗ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରିୟ ମନ କି ବାତ କାର୍ଯ୍ୟକ୍ରମର ୭୫ ତମ ଏପିସୋଡରେ ଶ୍ରୀ ଅମରେଶ ନରେଶ ସାମନ୍ତଙ୍କୁ ଭୁୟସୀ ପ୍ରଶଂସା କରିଥିଲେ ।ପ୍ରକୃତିର ଏହି ନିରବ ସାଧକ ପରିବେଶ ସୁରକ୍ଷା ପାଇଁ ନିଜର ସବୁ କିଛି ତ୍ୟାଗ କରିଦେଇଛନ୍ତି ।ଏହି ମହାନ କାମ ପାଇଁ ନିଜର ସମସ୍ତ ଆୟ ଏଥିରେ ଦାନ କରିବା ସହିତ ନିଜର ଖଣ୍ଡେ ଘର କି ଜମି ମଧ୍ୟ କରିବାକୁ ସକ୍ଷମ ହୋଇନାହାନ୍ତି ।ପ୍ରକୃତି ଆଉ ପରିବେଶ ପ୍ରତି ନିଜର ତ୍ୟାଗ ଓ ସମର୍ପଣ ଭାବ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ବିଭିନ୍ନ ସମୟରେ ମାନ୍ୟବର ଓଡିଶାର ରାଜ୍ୟପାଳ ଶ୍ରୀ ଗଣେସୀ ଲାଲ ରଜ ଭବନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି ।ତାଙ୍କର ଏହି ଉଚ୍ଚଗ୍ରୀକୃତ ସେବା ପାଇଁ ବିଭିନ୍ନ ସମୟରେ ବହୁ କେନ୍ଦ୍ରମନ୍ତ୍ରୀ, ବାଚସ୍ପତି, ପାରାଦ୍ୱୀପ ବନ୍ଦର, ଆଓସିଲ, ବିଭିନ୍ନ ସଙ୍ଗଂଠନବ୍ୟକ୍ତି ବିଶେଷ, ପ୍ରମୁଖ ଗଣମାଧ୍ୟମ ଶୀ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କୃତ କରିଛନ୍ତି ।ବିଭିନ୍ନ ପ୍ରାକୃତିକ ବିପର୍ଯୟ ଓ ପ୍ରତିକୂଳ ପରିସ୍ଥିତି ଶତ୍ୱେ ପରିବେଶର ସୁରକ୍ଷା ଓ ଆଗାମୀ ବଂଶଧରମାନଙ୍କ ମଙ୍ଗଳ ପାଇଁ ତାଙ୍କର ସାଂଗ୍ରମ ଜାରି ରହିବ ବୋଲି ଶ୍ରୀ ସାମନ୍ତ ଏହି ଅବସରରେ ପ୍ରକାଶ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶ୍ରୀମା ମହିଳା ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳିତ

ବାରିପଦା, ୯/୦୮ (ନି.ପ୍ର): ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟର ୩୩ତମ ସ୍ୱନକ୍ଷତ୍ର ଦିବସ ଅଧକ୍ଷ ପ୍ରଫେସର ନଟବର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରତିଷ୍ଠା ଦିବସର ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ନାରୀ ଶିକ୍ଷାର ଅଗ୍ରଗତି କ୍ଷେତ୍ରରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛିବୋଲି କହିବା ସହିତ କଲେଜର ଉନ୍ନତି କଳ୍ପେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ସମ୍ମାନୀତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ଼. ଦେବାଶିଷ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ୱାର୍ଡ ନ. ୧ ର କାଉନସିଲର ତଥା ଏହି ମହାବିଦ୍ୟାଳୟର ପୁରାତନ ଛାତ୍ରୀ ସୁକେଶିନୀ ସେଠୀ ପ୍ରମୁଖ ଯୋଗ ଦେଇ ଛାତ୍ରୀ ମାନଙ୍କୁ ସୁପରାମର୍ଶ ପ୍ରଦାନ କରିବା ସହିତ କଲେଜ ପରିସରରେ ଏକ ବଗିଚା ନିର୍ମାଣ ପାଇଁ ପ୍ରତିଶୃତି ଦେଇଥିଲେ । ଅଧ୍ୟାପକ ଶିବ ନାରାୟଣ ମିଶ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ, ଅଧ୍ୟାପିକା ମାନସୀ ରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାଧ୍ୟାପିକା ଡ଼. ସ୍ମିତା ଭଞ୍ଜ କଲେଜର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅତିଥିଙ୍କ ଲୋଚନକୁ ଆଣିଥିଲେ । ପ୍ରତିଷ୍ଠା ଦିବସ ପାଳନ କମିଟିର ସଦସ୍ୟା ଅଧ୍ୟାପିକା ବନ୍ଦନା ବାରିକ, ବାସନ୍ତି ହାଁସଦା, ବୀଣାପାଣି କଲିଆ ସଭା ପରିଚାଳନା କରିଥିବା ବେଳେ, ମହାବିଦ୍ୟାଳୟର ଛାତ୍ରୀ ଆରତୀ ମୂର୍ମୁ ଆନ୍ତର୍ଜାତୀୟ ରଗବୀ ଖେଳରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମାନପତ୍ର ସହ ତାଙ୍କର ସମସ୍ତ ଟ୍ୟୁସନ ଫି ଚେକ ଆକାରରେ ଅଧକ୍ଷ ଫେରସ୍ତ କରିଥିଲେ । ଏହି ଅବସରରେ ଛାତ୍ରୀମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିବା ବେଳେ, ଶେଷରେ ପ୍ରାଧ୍ୟାପିକା ଗୀତା ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରପତିଙ୍କ ଉପହାରରେ ସମ୍ବର୍ଦ୍ଧିତ ହେଲେ ଜିଲ୍ଲାର ଦୁଇ ସ୍ୱାଧୀନତା ସଂଗ୍ରାମୀ

ଭଦ୍ରକ, ୯/୦୮ (ନି.ପ୍ର): ଅଗଷ୍ଟ ବିପ୍ଳବ ଭାରତ ଛାଡ଼ ଆନ୍ଦୋଳନର ବାର୍ଷିକୀ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଭଦ୍ରକ ଜିଲ୍ଲାର ଦୁଇଜଣ ସାମ୍ୱାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସରକାରୀ ନିର୍ଦ୍ଦେଶ ମତେ ଧାମନଗର ବ୍ଲକ୍‌ର କମାରବନ୍ଧ ଗ୍ରାମର ବ୍ରଜ କିଶୋର ରାଉତ ଓ ସୂର୍ଯ୍ୟପୁର, ଧୁଷୁରୀର ଗୌରୀଶ୍ୟାମ ଗୋସ୍ୱାମୀ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେମାନଙ୍କ ନିଜନିଜ ଘରେ ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରେରିତ ସାଲ ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଯୋଗ ଦେଇ ଦୁଇ ସଂଗ୍ରାମୀଙ୍କୁ ସେମାନଙ୍କ ନିଜ ନିଜ ଘରେ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ ।




ଗୌରୀଶ୍ୟାମ ଗୋସ୍ୱାମୀଙ୍କ ବାସ ଭବନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଧାମନଗର ବ୍ଲକ୍ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡା, ଜିଲ୍ଲାପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ ପ୍ରମୁଖଙ୍କ ସହ ତାଙ୍କ ପରିବାର ବର୍ଗ, ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମର ବରିଷ୍ଠ ନାଗରିକ ରବୀନ୍ଦ୍ର ଗୋସ୍ୱାମୀ, ତାରାକାନ୍ତ ଗୋସ୍ୱାମୀ, ରାଧାମାଧବ ଗୋସ୍ୱାମୀ, ପ୍ରଦୀପ ଗୋସ୍ୱାମୀ, ପ୍ରଭାସ ଗୋସ୍ୱାମୀ, ମଦନ ଗୋସ୍ୱାମୀ, ଆନ୍ଦିଆ ଗୋସ୍ୱାମୀ, ସୁଶାନ୍ତ ନାୟକ, ସୁରଥ ହୋତା, ଅନିଲ ନାୟକ, କମଳ ଲୋଚନ ଥାଟୋଇ, ନନ୍ଦ କିଶୋର ପରିଡ଼ା, ସତ୍ୟନ୍ଦ୍ର ଦାଶ ଆଦି ଉପସ୍ଥିତ ଥିଲେ । ସେହିପରି ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ବାସଗୃହରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳଙ୍କ ସହ, ବି.ଡ଼ି.ଓ., ଡ଼ି.ଆଇ.ପି.ଆର୍.ଓ. ଭଦ୍ରକ ଜିଲ୍ଲାପରିଷଦର ଉପାଧକ୍ଷା ଟୁନିବାଳା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ପରିବାର ବର୍ଗଙ୍କ ସହ ସ୍ଥାନୀୟ ବାସିନ୍ଦା, ଗଣମାଧମ ପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ଭାବେ ବରିଷ୍ଠ ନାଗରିକ ରାମଚନ୍ଦ୍ର ସାହୁ, ନରେନ୍ଦ୍ର ମଲ୍ଲିକ୍, ନିରାକାର ଧଳ, ଗୌରହରି ପାଢ଼ୀ, ସୁରେନ୍ଦ୍ର ନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ, ଅଗଷ୍ଟ ୯ କ୍ରାନ୍ତିଦିବସର ତାତ୍ପର୍ଯ୍ୟ, ଆଗାମୀ ପିଢ଼ିଙ୍କ ମଧରେ ଜାତୀୟତା ଭାବର ଉଦ୍ରେକ ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ରଖିବା ସହିତ ଦୁଇ ସଂଗ୍ରାମୀଙ୍କ ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ । ଦୁଇ ସଂଗ୍ରାମୀ ମଧ ସେମାନଙ୍କ ସଂଗ୍ରାମୀ ଜୀବନର ଅଭିଜ୍ଞତା ନେଇ ଅଭିବ୍ୟକ୍ତି ରଖିବା ସହିତ ଗାନ୍ଧୀଙ୍କ ସ୍ୱପ୍ନର ରାମରାଜ୍ୟ ପାଇଁ ସମସ୍ତେ ନିଜ ନିଜ ଜାଗାରେ ଉତ୍ସର୍ଗୀକୃତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ ।

# ଶହୀଦ ନିର୍ମଳ ମହାତଙ୍କ ୩୬ ତମ ଶହୀଦ ଦିବସ ପାଳିତ

ବାରିପଦା , ୯/୦୮ (ନି.ପ୍ର): ୧୯୮୭ ମସିହାରେ ସହିଦ ହୋଇଥିବା ଜେଏମଏମର ପୂର୍ବତନ ସଭାପତି ଶହୀଦ ନିର୍ମଳ ମହାତଙ୍କ ୩୬ ତମ ଶହୀଦ ଦିବସ ଅବସର ରେ ବାରିପଦା ଜୁବିଲି ମଣ୍ଡପ ଠାରେ ଆଜି ଜେଏମଏମର ପୂର୍ବ ସଭାପତି ବାବୁଲାଲ ମୁର୍ମୁଙ୍କ ନେତୃତ୍ୱରେ ସହିଦ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସହିଦ ନିର୍ମଳ ମହାନ୍ତଙ୍କ ଫୋଟୋରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଶପଥ ନେଇଥିଲେ । ଏହି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସହିଦ ନିର୍ମଳ ମହାନ୍ତ ସ୍ମୃତି କମିଟି ଗଠନ କରାଯାଇ ଦିପକ ମହାନ୍ତଙ୍କୁ ସଭାପତି ମନୋନୀତ କରାଯାଇଛି । ଆଗାମୀ ଦିନରେ ସ୍ଥାନ ନିର୍ଧାରଣ କରି ପାର୍ଟି



ସହଯୋଗ ଦ୍ୱାରା ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଏହି ଅବସର ରେ ନିର୍ମଳ ମହାନ୍ତଙ୍କ ଝାରଖଣ୍ଡ ରାଜ୍ୟ ଗଠନରେ ରହିଥିବା ଅବଦାନକୁ ଆଲୋଚନା କରାଯାଇଥିଲା । ନିର୍ମଳ ଙ୍କ ତତ୍ତ୍ୱାବଧାନରେ ଓଡିଶାରେ ଅଜସୁ ଆନ୍ଦୋଳନ ସଂଗଠିତ ହୋଇ ଅନେକ ନେତା ତିଆରି କରିପାରିଥିଲା । ଆଜିସେହି ନେତାମାନେ ବିଜେଡି ଓ ବିଜେପିରେ ରହି ଲୋକ ସେବାରେ ବିଧାୟକ ଓ ମନ୍ତ୍ରୀ ହୋଇ ମଧ ଲୋକ ସେବାରେ କାର୍ଯ୍ୟ କରିପାରୁନାହାନ୍ତି ବୋଲି ଉପସ୍ଥିତ ଜେଏମଏମ ନେତା ମାନେ କହିଥିଲେ । ଆଗାମୀ ୨୦୨୪ ନିର୍ବାଚନରେ ଜେଏମ.ଏମ. ସଂଗଠିତ ହୋଇ ଲଢିବ ବୋଲି ଶପଥ ନେଇଥଲେ । ଏହି ସଭାରେ ଜେ.ଏମ.ଏମ. ପ୍ରଭାରୀ ଶିବାଜୀ ମୌଳିକ, ପୂର୍ବ ସମ୍ପାଦକ ପୃଥୁ ହାଁସଦା, ସହ ସମ୍ପାଦକ କିଶୋର ହାଁସଦା, ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ସୁମିତ୍ରା ହେମ୍ବ୍ରମ, ବାଙ୍ଗିପୋଷି ବ୍ଲକ ସଭାପତି ସାମସୁନ୍ଦର ମୁର୍ମୁ ଓ ବିଭିନ୍ନ କର୍ମ କର୍ତ୍ତା ମନେ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ ।

# ବିଦ୍ୟାଳୟରେ ଅନୁପସ୍ଥିତି ଯୋଗୁଁ ପ୍ରଧାନ ଶିକ୍ଷକ ନିଲମ୍ବିତ

ଜଳେଶ୍ୱର , ୯/୦୮ (ନି.ପ୍ର): ଜଳେଶ୍ୱର ଶିକ୍ଷାଜିଲ୍ଲା ଅନ୍ତର୍ଗତ ଖୁଆଡ ପଂଚାୟତର ଭାଡ୍ରାପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାତ୍ର ଓ ସହକାରୀ ଶିକ୍ଷୟତ୍ରୀ ବନସ୍ମିତା ମାଝି ଗତ ୫ ତାରିଖରେ ବିଦ୍ୟାଳୟରେ ୧୦ଟା୨୫ମିନିଟ ସୁଦ୍ଧା ପହଞ୍ଚି ନ ଥିଲେ । କେତେକ ଅଭିଭାବକଙ୍କ ଅଭିଯୋଗ କ୍ରମେ ଗଣମାଧ୍ୟମର କେତେକ ପ୍ରତିନିଧି ବିଦ୍ୟାଳୟରେ ଶିକ୍ଷକ ମାନଙ୍କ ୯.୩୦ ସୁଦ୍ଧା ପହଞ୍ଚିବାକୁ ନିୟମ ଥିବା ବେଳେ ୧୦.୨୫ ସୁଦ୍ଧା ଆସିନଥିବା ଓ ସେହିସମୟରେ ଜନୈକ ଛାତ୍ର ସୁରେଶ ଟୁଡୁ ବିଦ୍ୟାଳୟର ଚାବି ଖୋଲିବାପରେ ସହକାରୀ ଶିକ୍ଷୟତ୍ରୀ ବନସ୍ମିତା ମାଝି ପହଞ୍ଚିଥିଲେ । ଏ ସଂପର୍କରେ ଗଣମାଧ୍ୟମର ପ୍ରତିନିଧି ଓ ଅଭିଭାବକ ଜଳେଶ୍ୱର ଶିକ୍ଷାଜିଲାର ବିଆର୍‌ସିସି ସୁଶାନ୍ତ କୁମାର ଜେନାଙ୍କ ଠାରେ ଅଭିଯୋଗ କରିଥିଲେ । ଏ ସଂପର୍କରେ ବିଆର୍‌ସିସି ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟତ୍ରୀଙ୍କ ସଂପର୍କରେ ଜାଣିବାଲାଗି ଖୁଆର୍ଡ ସିଆର୍‌ସିସି ରାଧାକାନ୍ତ ସିଂ ଓ ବେହେରାସାହି ସିଆର୍‌ସିସି ଗଜେନ୍ଦ୍ର ନାଥ ଦଳେଇଙ୍କୁ ତଦନ୍ତଭାର ଦେଇଥିଲେ । ତାଙ୍କ ଠାରୁ ରିପୋର୍ଟ ପାଇବାପରେ ଗତ ୭ ତାରିଖରେ ଜଳେଶ୍ୱର ବିଇଓ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଦୀପ କୁମାର ପାତ୍ରଙ୍କୁ ତାଙ୍କ ଦାୟିତ୍ୱରୁ ନିଲମ୍ବନ କରିଛନ୍ତି । ଏବଂ ତାଙ୍କୁ ଭାଡ୍ରାସାହି ବିଦ୍ୟାଳୟ ପରିବର୍ତ୍ତେ ବେହେରାସାହି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଅନୁଯାୟୀ ସହକାରୀ ଶିକ୍ଷୟତ୍ରୀ ବନସ୍ମିତା ମାଝିଙ୍କୁ ବିଳମ୍ବର କାରଣ ସଂପର୍କରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଏହା ଜଣାଯିବାପରେ ଜଳେଶ୍ୱର ଶିକ୍ଷାଜିଲାରେ ଶିକ୍ଷକ ମାନଙ୍କ ମଧ୍ୟରେ କକୁଆଭୟ ସୃଷ୍ଟି ହୋଇଛି ।

# ଇନରହ୍ୱିଲର ଅଭିନବ ପ୍ରୟାସ: ଆରମ୍ଭ ହେଲା ଛତୁ ଚାଷ ପାଇଁ ତାଲିମ କାର୍ଯ୍ୟକ୍ରମ

ଉଦଳା , ୯/୦୮ (ନି.ପ୍ର): ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା ଇନରହୁଇଲ କ୍ଲବ ତରଫରୁ ଚଳିତ ଅଗଷ୍ଟ ୮ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ଛତୁ ଚାଷର ତାଲିମ କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମ ବର୍ଷତମାମ ଚାଲିବା ସହିତ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସବୁ ପ୍ରକାର ସହଯୋଗ କ୍ଲବ ତରଫରୁ ଯୋଗାଇ ଦିଆଯିବ ବୋଲି ସଭାପତି ଜୟନ୍ତି ପଟ୍ଟନାୟକ ଘୋଷଣା କରିଛନ୍ତି । ଆଜିର ଏହି ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଉଦଳା ସହର ଓ




ଏହାର ଆଖପାଖ ଅଂଚଳରୁ ୫୦ରୁ ଉର୍ଦ୍ଧ ମହିଳା ଯୋଗ ଦେଇ ଛତୁ ଚାଷ କିପରି କରାଯାଏ ସେ ସମ୍ପର୍କରେ ତାଲିମ ନେଇଛନ୍ତି । ପ୍ରଶିକ୍ଷକ ଭାବରେ ଓଡ଼ିଶା ସରକାରଙ୍କ ଉଦ୍ୟାନ ବିଭାଗ ଅଧିକାରୀ ଭାବରେ ଉଦଳା ଓ ଗୋପବନ୍ଧୁନଗର ବ୍ଲକ ଅଂଚଳରେ କାର୍ଯ୍ୟରତ ସୁଶ୍ରୀ ସ୍ୱର୍ଣ୍ଣମୟୀ ସିଂ ଓ ସୁଶ୍ରୀ ମଧୁମିତା ମଲ୍ଲିକ ଛତୁ ଚାଷ ବିଷୟରେ ବିସ୍ତୃତ ତାଲିମ ପ୍ରଦାନ କରିଛନ୍ତି । ଏହି ଚାଷ ଅଳ୍ପଖର୍ଚ୍ଚ ଓ କମ୍ ପରିଶ୍ରମ ଦ୍ୱାରା କିପରି ବହୁ ଅଧିକ ଲାଭ କରାଯାଇପାରେ ସେ ସମ୍ପର୍କରେ ପ୍ରଶିକ୍ଷକ ଦ୍ୱୟ ଅବଗତ କରାଇଛନ୍ତି । କ୍ଲବର ସଂପାଦିକା ମମତା ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ତାଲିମ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅବଜବନ୍ଧୁ ବାରିକ, ହରେନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୋଳମଣି ପୁହାଣ, ପ୍ରମୋଦିନି ମହାପାତ୍ର, ମମତା ମହାନ୍ତି, ଅନୁପମା ମହାପାତ୍ର, ସୁଜାତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ବୈଦିକ ଗୁରୁକୁଳ ଆଶ୍ରମରେ ଚାରା ରୋପଣ




ବସ୍ତା, ୯/୦୮ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଦର ବ୍ଲକ୍ ଅନ୍ତର୍ଗତ ରୂଷା ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମରେ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଚି ।ଏଥିରେ ମୁଖ୍ଯ ଅତିଥି ଭାବେ ବସ୍ତା ଉପଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ମାନସ ଦେଓ ନିଜେ ଗୋଟେ ଚାରାରୋପଣ କରିବା ସହ ବୃକ୍ଷର ଉପକାରିତା ଓ ତାର ସେବା ଯତ୍ନ ବିଷୟରେ ପିଲା ମାନଙ୍କୁ ବିସ୍ତୃତ ଭାବେ ବୁଝାଇ ଥିଲେ । ଗୁରୁକୁଳ ବ୍ରହ୍ମଚାରୀମାନଙ୍କ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନକୁ ଭୂୟସୀ ପ୍ରସଂଶା କରିଥିଲେ କ୍ଷ ମୁଖ୍ୟ ବକ୍ତା ଭାବେ ସମାଜ ସେବୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ବୃକ୍ଷରୋପଣର ଆବଶ୍ୟକତା ଏବଂ ବିଦ୍ୟାର୍ଥୀ ମାନେ ପ୍ରତ୍ୟକ ନିଜେ ବୃକ୍ଷରୋପଣ କରିବା ସହିତ ଏ ନେଇ ବ୍ୟାପକ ସଚେତନତା ହେବା ଉପରେ ଗୁରୁତ୍ୱାରୋପ କରିବା ସହିତ ପିଲାଟିଏ ଗଛଟିଏ ଆହ୍ୱାନରେ ସମସ୍ତେ ସାମିଲ୍ ହେବାକୁ ଆହ୍ୱାନ କରିଥିଲେ ।ଅନ୍ୟତମ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଶତପଥୀ, ୨୮ନଂ ଯୋନ୍ ର ଜିଲ୍ଲାପରିଷଦ ଶ୍ରୀମାନ୍ ସଞ୍ଜୟ କୁମାର ସେଠୀ ।ସମୟରଚକ୍ର ର ସମ୍ପାଦକ ଶ୍ରୀଯୁକ୍ତ ସର୍ବେଶ୍ୱର ଜେନା,ସମାଜସେବୀ ଶ୍ରୀଯୁକ୍ତ ଭଗବାନ ମହାପାତ୍ର,ବିଶିଷ୍ଟ କଳାକାର ପୂର୍ଣ୍ଣ ଦାଦା,ଗଛମଣିଷ ରବୀନ୍ଦ୍ର ବେହେରା,ଅଧ୍ୟାପକ ତାପସ କୁମାର ପଣ୍ଡା,ଅଧ୍ୟାପକ ଜଗଦୀଶ ପଟ୍ଟନାୟକ ,ସମାଜସେବୀ ଭୁବନାନନ୍ଦ ଦାସ ପ୍ରମୁଖ ଗୁରୁକୁଳରେ ଚାରା ରୋପଣ କରିଥିଲେ, ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ହଳଦୀପଦା , ଆମ୍ଭ ଗଡ଼ିଆ ବିକାଶ ପରିଷଦ ଭାଗବାନପୁର ର କର୍ମକର୍ତ୍ତା ଏବଂ ଗ୍ରାମବାସୀ ଅରୁଣ କୁମାର ସେଠୀ, ସୁଦାମ ଚନ୍ଦ୍ର ସାହୁ, ହରିନାରାୟଣ ସାହୁ ପ୍ରମୁଖ ବିଭିନ୍ନ ପ୍ରଜାତିର ଚାରା ରୋପଣରେ ସହଯୋଗ ପ୍ରଦାନ କରିଥିଲେ, ସୁରେନ୍ଦ୍ର ନାଥ ସ୍ମୃତି କମିଟି ର ସମ୍ପାଦକ ଶ୍ରୀମତୀ ସୁଲୋଚନା ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବୃଦ୍ଧଙ୍କଠାରୁ ଲୁଟିନେଲେ ୭୦ ହଜାର

ଜଳେଶ୍ୱର , ୯/୦୮ (ନି.ପ୍ର): ପ୍ରକାଶକମର୍ଦ୍ଦା ଥାନା ଅନ୍ତର୍ଗତ ବାଉଁଶଡିହା ଗ୍ରାମର ପ୍ରଫୁଲ୍ଲଚନ୍ଦ୍ର ପାତ୍ର (୮୫) ଓ ତାଙ୍କ ପୁଅ ବିଶ୍ୱଜିତ୍ ପାତ୍ର ଏକ ଟୋଟରେ ଆସି ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ପେନ୍‌ସନ ଅର୍ଥ ଉଠାଇଥିଲେ । ସେ ନଦିଆଜିଲା କଲ୍ୟାଣି ୟୁନିର୍ଭସିଟିରେ ଚାକିରି କରୁଥିବା ବେଳେ ୨୫ ବର୍ଷ ତଳେ ଅବସର ଗ୍ରହଣ କରିଥିଲେ । ଜଳେଶ୍ୱର ଷ୍ଟେଟ ବ୍ୟାଙ୍କରୁ ତାଙ୍କ ପେନସନ ନେଇଆସୁଥିବା ବେଳେ ବିଶ୍ୱଜିତ୍ ବାପା ପ୍ରଫୁଲ୍ଲଙ୍କୁ ବିସ୍କୁଲ ଖୁଆଇ ଦେଉଥିଲେ । ଏକ ପଲସର ଗାଡିରେ ବଡବଜାର ଛକଆଡୁ ଦୁଇ ଯୁବକ ଆସି ଟୋଟରେ ବସିଥିବା ପ୍ରଫୁଲ୍ଲଙ୍କ ନିକଟରୁ ବ୍ୟାଗଟିକୁ ଝାମ୍ପି ନେଇ ପଛକୁ ଫେରିଯାଇଥିଲେ ମଧ୍ୟ ତାର କୌଣସି ସନ୍ଧାନ ମିଳିପାରିନାହିଁ ।

# ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ ୨୦୨୩କୁ ପୁନର୍ବିଚାର ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲା ଆଦିବାସୀ ଅଧିକାର ସୁରକ୍ଷା ମଞ୍ଚ

ନୀଳଗିରି , ୯/୦୮ (ନି.ପ୍ର): ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ଜଙ୍ଗଲ ସଂରକ୍ଷଣ ସଂଶୋଧନ ପ୍ରସ୍ତାବକୁ କେନ୍ଦ୍ର ସରକାର ଆଇନ୍ ରେ ପରିଣତ କରିବାପାଇଁ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସୁପାରିଶ ପାଇଁ ପଠାଇଛି । ରାଷ୍ଟ୍ରପତିଙ୍କ ଦସ୍ତଖତ ପରେ ଏହା ଆଇନ୍ ରେ ପରିଣତ ହେବ । ଯଦି ଏହା ଆଇନରେ ପରିଣତ ହୁଏ ତାହେଲେ ଜଙ୍ଗଲ ଜମିରେ ବସବାସ କରୁଥିବା ତଥା ଏହା ଉପରେ ନିର୍ଭର କରି ଚଳୁଥିବା ଆଦିବାସୀ ମାନେ ସେମାନଙ୍କର ଜୀବିକା ସମେତ ବାସଗୃହ ହରାଇବେ ବୋଲି ନୀଳଗିରି ଆଦିବାସୀ ଅଧିକାର ସୁରକ୍ଷା ମଞ୍ଚ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ୨୦୦୬ମସିହା ରେ ସେତେବେଳର




ୟୁପିଏ ସରକାର ଆଇନରେ ସଂଶୋଧନ କରି ଜଙ୍ଗଲ ଜମିରେ ବସବାସ କରୁଥିବା ଅଧିବାସୀ ମାନଙ୍କୁ ପଟ୍ଟା ପାଇଁ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଏହି ବିଲ ସଂଶୋଧନ କରିବା ଫଳରେ ଜଙ୍ଗଲ ଜମିରେ ରହୁଥିବା ଅଧିବାସୀମାନେ ଜଙ୍ଗଲ ଜମିପଟ୍ଟା ହରାଇବେ । ସରକାର ବିକାଶ ନାମରେ ଜଙ୍ଗଲରେ ବାସ କରୁଥିବା ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀ ମାନଙ୍କର ବ୍ୟାପକ କ୍ଷତି ହେବାର ଆଶଙ୍କା କରି ରାଷ୍ଟ୍ରପତି ବିଲ୍ ରେ ସ୍ୱାକ୍ଷର ନକରି ଏହାର ପୁନର୍ବିଚାର ପାଇଁ ସଂସଦକୁ ଫେରାଇ ଦେବାକୁ ସିପିଆଇ ଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ରଙ୍କ ନେତୃତ୍ୱରେ ଯୋଗାନନ୍ଦ ଦାସ , ଜ୍ୟୋତିର୍ମୟ ରାଉତ, ଷ୍ଟାଲିନ ମିଶ୍ର, ସତ୍ୟଜିତ ଦାସ, ଆଦିବାସୀ ସୁରକ୍ଷା ମଞ୍ଚ ତରଫରୁ ନୀଳମାଧବ ସିଂ, ବୁଦ୍ଧିରାମ ସିଂ, ଜିତେନ ସିଂ, ହାଡିବନ୍ଧୁ ସିଂ, ଶମ୍ଭୁନାଥ ସିଂ ପ୍ରମୁଖ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।




# ଜିକେଭଞ୍ଜର ଡାକ୍ତରଖାନା ଭିତରକୁ ପଶିଲା ବର୍ଷା ପାଣି

ଜଳେଶ୍ୱର ୯/୮(ନି.ପ୍ର): ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଜିକେ ଭଞ୍ଜର ଡାକ୍ତରଖାନାର ସମ୍ମୁଖଭାଗ ବୁଡି ରହିଛି । ରୋଗୀ ଓ ସଂପର୍କୀୟମାନେ ପାଣି ଭିତରେ ପଶି ଡାକ୍ତରଖାନାକୁ ଯାତାୟାତ କରୁଛନ୍ତି । ବର୍ଷାପାଣି ଡାକ୍ତରଖାନା ଭିତରକୁ ପ୍ରବେଶ ଆରମ୍ଭ କରିବାରୁ ରୋଗୀମାନେ ଆତଙ୍କିତ ହୋଇ ପଡିଛନ୍ତି । ପ୍ରକାଶଯୋଗ୍ୟ ଡାକ୍ତରଖାନା ସମ୍ମୁଖରେ ଥିବା ନୟନଯୋରୀରେ ଜଳ ନିଷ୍କାସନର ବ୍ୟବସ୍ଥା ନାହିଁ । ରାସ୍ତା କାର୍ଯ୍ୟ ଚାଲୁଥିବା ନୟନଯୋରୀ ପୋତି ହୋଇ ପଡିଛି । ଫଳରେ ନୂଆବଜାର ଅଂଚଳରୁ ବହି ଆସୁଥିବା ବର୍ଷାପାଣି ନିଷ୍କାସନ ହୋଇନପାରି ନୟନଯୋରୀ ଭର୍ତ୍ତି ହୋଇ ଡାକ୍ତରଖାନା ପରସରରେ ଜମା ହୋଇଛି । କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟିପାତ କରିବାକୁ ଦାବି ହୋଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo